## ସଂକ୍ଷେପରେ

### ନିଖୋଜ ବୃଦ୍ଧା ଜଙ୍ଗଲରୁ ଉଦ୍ଧାର

**ନାକଟିଦେଉଳ,୧୭।୫(ଡି.ଏନ.ଏ.):** ନାକଟିଦେଉଳ ବ୍ଲକ ବାଙ୍ଗା ପଞ୍ଚାୟତର କେଲୋବେର୍ଣ୍ଣି ଗ୍ରାମର ନିଜ ଝିଅ ଘରକୁ ଆସି ନିଖୋଜ ହୋଇଯାଇଥିବା ବୃଦ୍ଧା ଜଙ୍ଗଲରୁ ଉଦ୍ଧାର ହୋଇଛନ୍ତି। ଥିବା ଜଣାପଡ଼ିଛି। ଗୁରୁବାରୀ ନାଏକ ନାମ୍ନୀ ବୃଦ୍ଧାଙ୍କ ଘର ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ଜରିପାଳ ଗ୍ରାମରେ। ଗୁରୁବାରୀ ଗତ ସପ୍ତାହରେ ନିଜ ଝିଅ ଘରକୁ ଆସିଥିଲେ। ୧୫ତାରିଖରେ ସେ ନିଜ ଝିଅ ଓ ଗ୍ରାମର ଅନ୍ୟମାନଙ୍କ ସହ ନିକଟସ୍ଥ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିଲେ। ଝିଅ ତାଙ୍କ ମା'ଙ୍କୁ ପରେ ଯିବେ କହି ଆଗେ ଘରକୁ ପଠାଇ ଦେଇଥିଲେ। ତେବେ ଗୁରୁବାରୀ ଘରକୁ ଫେରୁଥିବା ସମୟରେ ବାଟବଣା ହୋଇଯାଇଥିଲେ। ଝିଅ ଓ ଅନ୍ୟମାନେ ଘରକୁ ଫେରି ଗୁରୁବାରୀ ଆସି ନ ଥିବା ଦେଖିଥିଲେ। ଦୁଇଦିନ ଧରି ଗ୍ରାମବାସୀ ଜଙ୍ଗଲରେ ଖୋଜାଖୋଜି କରିଥିଲେ ମଧ କୌଣସି ସନ୍ଧାନ ମିଳି ନ ଥିଲା। ସୋମବାର ବାଟଗାଁ ପରେଷ୍ଟର ଅନିଲ କିସାନ ଓ ଅନ୍ୟ କର୍ମଚାରୀ ଖୋଜାଖୋଜି କରୁଥିବା ବେଳେ ହିତସରା ନିକଟ ଜଙ୍ଗଲରୁ ଗୁରୁବାରୀଙ୍କୁ ଉଦ୍ଧାର କରି ତାଙ୍କ ଝିଅ ଘରେ ଛାଡ଼ିଥିଲେ।

### କରୋନା ନେଲା ମା'ପୁଅଙ୍କ ଜୀବନ

**ଲଇକେରା,୧୭।୫(ଡି.ଏନ.ଏ.):** କରୋନାରେ ପୀଡିତ ହୋଇ ଚିକିତ୍ସିତ ହେଉଥିବା ଝାରସୁଗୁଡା ଜିଲା ଲଇକେରା ବ୍ଲକର ମା'ପୁଅଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବ୍ଲକ ମୁଖ୍ୟାଳୟର ବୁଇ ବେହେରା (୮୯) ଓ ବିଜୟ ବେହେରା (୬୯)। ମା'ପୁଅ କରୋନା ସଂକ୍ରମିତ ହୋଇ ଗତ ୮ ତାରିଖରୁ ଜିଲା କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତେବେ ରବିବାର ବୁଇଙ୍କ ମୃତ୍ୟୁ ଘଟିଥିବାବେଳେ ସୋମବାର ତାଙ୍କ ବଡ ପୁଅ ବିଜୟଙ୍କ ପରଲୋକ ଘଟିଛି। କୋଭିଡ୍ ନିୟମାନୁସାରେ କଣ୍ଟାପାଲି ଶ୍ମଶାନରେ ମୃତଦେହ ସତ୍କାର କରାଯାଇଛି। ଏହାକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। କରୋନାରେ ମା'ପୁଅଙ୍କ ଜୀବନ ଯିବା ପରେ ଗାଁରେ ଭୟର ବାତାବରଣ ସୃଷ୍ଟି ହୋଇଛି।

### ବିଦେଶୀ ମଦ ଦୋକାନ ଖୋଲିବାକୁ ବିରୋଧ

**ଝାରସୁଗୁଡ଼ା ଅଫିସ,୧୭।୫:** ଝାରସୁଗୁଡା ମୁଖ୍ୟ ସହର ଝଣ୍ଡାଛକରେ ଖୋଲିଥିବା ବିଦେଶୀ ମଦ ଦୋକାନ ବନ୍ଦ କରିବାକୁ ଜିଲା କଂଗ୍ରେସ କମିଟି ଓ ହିନ୍ଦୁସ୍ତାନୀ ସମାଜ ତରଫରୁ ସୋମବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ଏକକିତା ନକଲ ଏସ୍‌ପି, ଏସ୍‌ପି ଅବକାରୀ ବିଭାଗ, ୫-ଟି ସଚିବ ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ପ୍ରଦାନ କରାଯାଇଛି। ଏ ଦିଗରେ ସରକାର, ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଜିଲା କଂଗ୍ରେସ କମିଟି ମଦ ଦୋକାନ ସମ୍ମୁଖରେ ଧାରଣା ଦେବ ବୋଲି ଚେତାବନୀ ଦେଇଛି। ନିକଟରେ ରହିଛି ଜନବସତି, ମନ୍ଦିର ଆଦି ଏଠାରେ କିପରି ମଦଦୋକାନ ଖୋଲାଗଲା ବୋଲି କଂଗ୍ରେସ ପ୍ରଶ୍ନ ଉଠାଇଛି।

### ସଂରକ୍ଷିତ ଜଙ୍ଗଲରୁ ମିଳିଲା ଝୁଲନ୍ତା ମୃତଦେହ

**କଣ୍ଟାବାଞ୍ଜି, ୧୭।୫(ଡି.ଏନ.ଏ.) :** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଛତରଡାଣ୍ଡି ସଂରକ୍ଷିତ ଜଙ୍ଗଲ ରତାଖଣ୍ଡି ଯୋର ନିକଟ ଏକ ଗଛରୁ ସୋମବାର ତୁରେକେଲା ଥାନା ପୋଲିସ ଏକ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ଜଣକ ବଙ୍ଗୋମୁଣ୍ଡା ଥାନା ଅଧୀନ ବେଲପଡା ଗାଁର କେଶବ ମେହେର (୫୮)। କଣ୍ଟାବାଞ୍ଜି ଏସଡିପିଓ ସରୋଜ କୁମାର ମହାପାତ୍ର, ଆଇଆଇସି କମଲ କିଶୋର ବେହେରା ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ପରେ ପୋଲିସ ମୃତଦେହକୁ କଣ୍ଟାବାଞ୍ଜି ଡାକ୍ତରଖାନାରେ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ପୁଅ ମେଘନାଥ ମେହେରଙ୍କ ଅଭିଯୋଗକ୍ରମେ ଦଫା ୩୦୨, ୩୦୧ରେ ଏକ ମାମଲା(ନଂ. ୭୫/୨୧) ରୁଜୁ କରି ପୋଲିସ ତନାଘନା ଚଳାଇଛି।

### କରୋନା ସ୍ଥିତି ପରଖିଲେ ଉପଜିଲାପାଳ

**ଦେଓଗାଁ,୧୭।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ସୋମବାର କରୋନା ସ୍ଥିତିର ସମୀକ୍ଷା କରିଛନ୍ତି ଉପଜିଲାପାଳ ଲମ୍ବୋଦର ଧରୁଆ। ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ତହସିଲଦାର ଚନ୍ଦ୍ରମଣି ନାଗ, ବିଡିଓ ମୁରଲୀଧର ନାଏକ, ଏବିଡିଓ ରୁଦ୍ର ପ୍ରସାଦ ସୁନା ପ୍ରମୁଖ କରୋନା ସ୍ଥିତି ଓ ପ୍ରଶାସନିକ ପଦକ୍ଷେପ ଉପରେ ଅବଗତ ହୋଇଥିଲେ। ସମସ୍ତ କର୍ମଚାରୀ ଏହି ମାହାମାରୀ ବିରୋଧରେ ଜନସଚେତନା ସୃଷ୍ଟି କଲେ ଯାଇ ସଂକ୍ରମଣ ନିୟନ୍ତ୍ରଣକୁ ଆସିବ ବୋଲି ସେ ପରାମର୍ଶ ଦେଇଥିଲେ।

# କୋଭିଡ୍ ମୃତକଙ୍କ ପରିବାରକୁ ଧାନବିକ୍ରି ଚିନ୍ତା

**ସମ୍ବଲପୁର,୧୭।୫(ବ୍ୟୁରୋ)**

## ଚାଷୀଙ୍କୁ ଟୋକନ୍ ଟେନ୍‌ସନ, କୋଭିଡ୍ ଭୟ



ମାନେଶ୍ୱର ଅଞ୍ଚଳର ଜଣେ ଚାଷୀଙ୍କ ଅମଳ ଧାନ।

ସମ୍ବଲପୁର ଜିଲାରେ ମେ ୧୦ ତାରିଖଠାରୁ ଧାନ ସଂଗ୍ରହ ଆରମ୍ଭ ହୋଇଛି। ସଦର ଓ କୁଚିଣ୍ଡା ଉପଖଣ୍ଡରେ ୩୦ ସମବାୟ ସମିତି ଓ ୧୦ ଏସ୍‌ଏଚ୍‌ଜି ପକ୍ଷରୁ ଧାନ ସଂଗ୍ରହ କରାଯାଉଛି। ହେଲେ କୋଭିଡ୍‌ରେ ମୃତ ଚାଷୀଙ୍କ ପରିବାର କିଭଳି ଧାନ ବିକ୍ରି କରିବେ ସେହି ଚିନ୍ତାରେ ଅଛନ୍ତି। ଅନ୍ୟପଟେ ବିଗତ ବର୍ଷ ଭଳି ଚଳିତ ରବିରେ ମଧ ଚାଷୀଙ୍କୁ ଟୋକନ ଟେନ୍‌ସନ ଦେଇଥିବା ବେଳେ କୋଭିଡ୍ ଦ୍ୱିତୀୟ ଲହର ଭୟଭୀତ କରିଛି। ଅମଳ ହୋଇଥିବା ଚାଷୀଙ୍କ ଟୋକନ ଆସି ନ ଥିବାବେଳେ ବିଲରେ ଯେଉଁମାନଙ୍କ ଧାନ ପଡିଛି ସେମାନଙ୍କ ଟୋକନ ଆସିଯାଇଛି। ଫଳରେ ଉଭୟ ଚାଷୀଙ୍କୁ ସମସ୍ୟା ହେଉଥିବା ଅଭିଯୋଗ ହେଉଛି। ଟୋକନ ପାଇବା ଦିନଠାରୁ ୧୨ରୁ ୧୫ଦିନ ଭିତରେ ଚାଷୀ ଧାନ ବିକ୍ରି ନ କଲେ ତାହା ଲାପ୍‌ସ ହୋଇଯାଉଛି। ଧାନ ଅମଳ ହୋଇ ନ ଥିଲେ ଚାଷୀ କିଭଳି ନିର୍ଦ୍ଧାରିତ ଦିନରେ ବିକ୍ରି କରିବ ବୋଲି ପ୍ରଶ୍ନ ଉଠୁଛି।

ଯୁଯୁମୁରା ବ୍ଲକ ଶିକାରପାଲି ଗ୍ରାମର ଚାଷୀ ବିଶି ବେହେରାଙ୍କ କୋଭିଡ୍‌ରେ ମୃତ୍ୟୁ ଘଟିଥିବା ପରିବାର ବର୍ଗ ଅଭିଯୋଗ କରିଛନ୍ତି। ମେ ୧୦ ତାରିଖରେ ବାହାର ସମବାୟ ସମିତିରେ ଧାନ ବିକ୍ରି କରିବା ପାଇଁ ଟୋକନ ଆସିଥିଲା। ପଞ୍ଜୀକରଣ ନମ୍ବର ଏଫ-୨୮୦୪୦୦୦୧୧୨ରେ ପ୍ରଥମ ପର୍ଯ୍ୟାୟରେ ୧୩୦ କୁଇଣ୍ଟାଲ ଧାନ ବିକ୍ରି କରିବା ପାଇଁ ଟୋକନରେ ରହିଥିଲା। ହେଲେ ମେ ୧୨ ତାରିଖରେ ବିଶିଙ୍କ ବୁର୍ଲା କୋଭିଡ୍ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା ଏବେ ବିଶିଙ୍କ ଧାନ କିଭଳି ବିକ୍ରି ହେବ ସେ ନେଇ ପରିବାର ଚିନ୍ତାରେ ପଡିଯାଇଛନ୍ତି। ଏଭଳି ଅନେକ ଚାଷୀଙ୍କ ପଞ୍ଜୀକରଣ ପରେ ମୃତ୍ୟୁ ଘଟୁଥିବାରୁ ଧାନବିକ୍ରି ସେମାନଙ୍କ ପରିବାର ପାଇଁ ସମସ୍ୟା ସୃଷ୍ଟି କରୁଛି। ପୁଣି କୋଭିଡ୍ ସଂକ୍ରମିତ ହୋଇ କୌଣସି ଚାଷୀ ଧାନ ବିକ୍ରି କରିବାକୁ ଆସିଲେ ଗୋଷ୍ଠୀ ସଂକ୍ରମଣ ଭୟ ରହୁଛି। ଟୋକନ ପାଇବାର ୧୨ ଦିନ ପରେ ଜଣେ ଚାଷୀ ଧାନ ବିକ୍ରି କରିବାକୁ ସରକାର ନିୟମ କରିଛନ୍ତି। ହେଲେ କୋଭିଡ୍ ସଂକ୍ରମଣ ହେଲେ ପ୍ରାୟ ୧୪ ଦିନ କ୍ୱାରାଣ୍ଟାଇନରେ ରହିବା ନିୟମ ରହିଛି। ଏପରିସ୍ଥଳେ ଅବଧି ଶେଷ ହେବା ସହ ଟୋକନ ଲାପ୍‌ସ ହେବାରୁ ସେମାନେ ଧାନ ବିକ୍ରି କରିପାରିବେ ନାହିଁ।

ଚାନ୍ଦମୁଣ୍ଡା ଗ୍ରାମର ଚାଷୀ ଜି ରାବଣା କହିଛନ୍ତି, ସେ ପ୍ରାୟ ୪୫ ଏକର ଜମି ପଞ୍ଜୀକରଣ ପାଇଁ ଆବେଦନ କରିଥିଲେ। ହାରାହାରି ପ୍ରାୟ ୧ ହଜାର କୁଇଣ୍ଟାଲ ଧାନ ବିକ୍ରି କରିବା ପାଇଁ ଟୋକନ ଆସିଥାଏ। ହେଲେ ଏବେ ମାତ୍ର ୧୩୦ କୁଇଣ୍ଟାଲ ପାଇଁ ଟୋକନ ଅସିଛି। ଅମଳ ହୋଇଥିବା ସବୁ ଧାନ ରଖାଯାଇଛି। ହେଲେ କାଳବୈଶାଖି ଓ ଅଦିନିଆ ବର୍ଷା ଯୋଗୁ ଏତେ ପରିମାଣ ଧାନ ସୁରକ୍ଷିତ ରଖିବା ସମ୍ଭବପର ନୁହେଁ। ଚୁନା ଧାନ ବର୍ଷାରେ ଭିଜିଯାଇଛି। ଟୋକନ ପାଇଁ ଧାନ ଅବିକ୍ରି ରହିବ। ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ସମସ୍ତ ଚାଷୀଙ୍କ ଅମଳ ଫସଲ ନଷ୍ଟ ହୋଇଯିବ ବୋଲି କହିଥିଲେ। କରୋନା ସଂକ୍ରମିତ ଓ କୋଭିଡ୍‌ରେ ମୃତ ଚାଷୀଙ୍କ ଧାନ ବିକ୍ରି ସମ୍ପର୍କରେ ଡିଆର୍‌ସିଏସ୍ ଲିଙ୍ଗରାଜ ନାଏକ କହିଛନ୍ତି, କୋଭିଡ୍ ସଂକ୍ରମିତ ଚାଷୀମାନଙ୍କ ପାଇଁ ସମସ୍ୟା ହେବ ନାହିଁ। ଟୋକନ ଅବଧି ଭିତରେ ଧାନ କିଣାଯାଇ ପାରିବ। ହେଲେ ସେ ସୁସ୍ଥ ହେବା ପରେ ଆଇରିସ କରିବେ ଓ ତାଙ୍କୁ ବିକ୍ରି ଟଙ୍କା ମିଳିବ। ଯେଉଁ ପଞ୍ଜୀକୃତ ଚାଷୀଙ୍କ ମୃତ୍ୟୁ ଘଟିବ ସେମାନଙ୍କ ପରିବାରର କେହି ଧାନ ବିକ୍ରି କରିପାରିବେ। ଆବେଦନ କଲା ପରେ ସେମାନଙ୍କୁ ଅନୁମତି ଦିଆଯିବ। ହେଲେ ମୃତକଙ୍କ ଜମା ଖାତାକୁ ଟଙ୍କା ଯିବ, ପରିବାର ବର୍ଗ ବ୍ୟାଙ୍କରୁ ଟଙ୍କା ନେଇପାରିବେ।

# ଏକା ନମ୍ବରରେ ୨ ବାଇକ୍ ଜବତ




ପୋଲିସ୍ ଧରିଥିବା ଏକା ନମ୍ବରର ୨ ବାଇକ୍

**ଝାରସୁଗୁଡ଼ା ଅଫିସ,୧୭।୫**

ଗତ କିଛିମାସ ହେଲା ବ୍ରଜରାଜନଗର ସହରରେ ଏକା ନମ୍ବର ଥିବା ୨ ବାଇକ୍ ବୁଲୁଥିବା ଲୋକଙ୍କ ନଜରକୁ ଆସିଥିଲା। ଲୋକଙ୍କଠାରୁ ଖବରପାଇ ପୋଲିସ ରବିବାର ବାଇକ୍ ଦୁଇଟିକୁ ଜବତ କରିବାରେ ସକ୍ଷମ ହୋଇଛି। ୨ ବାଇକ୍‌ର କାଗଜପତ୍ର ଯାଞ୍ଚ କରି ପୋଲିସ ତଦନ୍ତ ଚଳାଇଛି। ପୋଲିସ ତଦନ୍ତରୁ ଜଣାପଡିଛି, ଏମ୍‌ସିଏଲ୍‌ରେ କାର୍ଯ୍ୟରତ ଏକ ଠିକାସଂସ୍ଥାର କର୍ମଚାରୀମାନେ ଏହି ବାଇକ୍ ବ୍ୟବହାର କରୁଥିଲେ। ଏହାର ନମ୍ବର ସିଜି୧୦ଏଆର୍-୨୯୧୯ ରହିଛି। ଏ ନେଇ ବ୍ରଜରାଜନଗର ଏସ୍‌ଡିପିଓ ଦିଲୀପ ଦାସ କହିଛନ୍ତି, ଏକା ନମ୍ବର ଥିବା ବାଇକ୍‌ର ଚେଚିସ୍ ଓ ଇଞ୍ଜିନ ନମ୍ବର ଅଲଗା ରହିଛି। ତଦନ୍ତ ପରେ ଜଣାପଡିବ। ଆର୍‌ଟିଓ ଦିନବନ୍ଧୁ ଶୁଣ୍ଠି କହିଛନ୍ତି, ଏହା ମୋଟରଯାନ ନିୟମ ଅନୁଯାୟୀ ବେଆଇନ। ଏହାର ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ।

# କମ୍ପାନୀ ବସ୍‌କୁ ଜରିମାନା

**ଝାରସୁଗୁଡ଼ା ଅଫିସ,୧୭।୫**

ଝାରସୁଗୁଡା ଜିଲା ସରବାହଲରେ କୋଭିଡ୍ ନିୟମ ଉଲ୍ଲଂଘନ କରି ଏକ କମ୍ପାନୀ ବସ୍‌କୁ ଜରିମାନା ଦେବାକୁ ପଡିଛି। ବେଦାନ୍ତ କମ୍ପାନୀର ଏକ ବସ୍ କର୍ମଚାରୀମାନଙ୍କୁ ନେଇ କମ୍ପାନୀକୁ ଯାଉଥିବାବେଳେ ଜିଲା ପ୍ରଶାସନ ହାତରେ ଧରାପଡିଥିଲା। ବସ୍ ଭିତରେ ଅଧିକ କର୍ମଚାରୀ ଯାତ୍ରା କରୁଥିବାରୁ କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ କୋଭିଡ୍ ମାଜିଷ୍ଟ୍ରେଟ୍ ତଥା ପୌର ପରିଷଦ ନିର୍ବାହୀ ଅଧିକାରୀ ଯୋଗେନ୍ଦ୍ର ମାଝି ବସ୍ କର୍ମଚାରୀଙ୍କଠାରୁ ୧୨ହଜାର ଟଙ୍କା ଜରିମାନା ଅସୁଲ୍ କରିଥିଲେ।

# ମାରୱାଡି ଯୁବାମଞ୍ଚ ପକ୍ଷରୁ ଅକ୍ସିଜେନ ବ୍ୟାଙ୍କ ଉଦ୍‌ଘାଟିତ




ମାରୱାଡି ଯୁବାମଞ୍ଚ ପକ୍ଷରୁ ଅକ୍ସିଜେନ ବ୍ୟାଙ୍କ ଉଦ୍‌ଘାଟନ କାର୍ଯ୍ୟକ୍ରମ।

**ଦେବଗଡ଼,୧୭।୫(ଡି.ଏନ.ଏ)**

ଦେବଗଡ଼ ଜିଲାରେ କରୋନା ମୁକାବିଲା ଏବଂ କରୋନା ସଂକ୍ରମିତଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦେବଗଡ଼ ମାରୱାଡି ଯୁବାମଞ୍ଚ ପକ୍ଷରୁ ସୋମବାର ଏକ ଅକ୍ସିଜେନ ବ୍ୟାଙ୍କ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଅଗ୍ରସେନ ଭବନ (ମାଡ୍‌ୱାଡି ଧର୍ମଶାଳା)ରେ ଯୁବାମଞ୍ଚର ସଭାପତି ମନିଶ ଅଗ୍ରୱାଲଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ମାହାନ୍ତ ଯୋଗଦେଇ ଫିତା କାଟି ଏହି ବ୍ୟାଙ୍କର ଶୁଭାରମ୍ଭ କରିବା ସହ ମାରୱାଡି ଯୁବାମଞ୍ଚ ଏଭଳି ଉଦ୍ୟମର ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ମାରୱାଡି ଯୁବାମଞ୍ଚର ପୂର୍ବତନ ଜିତେନ୍ଦ୍ର କୁମାର ଅଗ୍ରୱାଲା, ସଦସ୍ୟା କିରଣ ଅଗ୍ରୱାଲା ଓ ଅନିତା ଅଗ୍ରୱାଲାଙ୍କ ସମେତ ଯୁବାମଞ୍ଚର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଜିଲାର କରୋନା ସଂକ୍ରମଣ ସମୟରେ ଅକ୍ସିଜେନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜରୁରୀକାଳୀନ ପରିସ୍ଥିତିରେ ମାରୱାଡି ଯୁବାମଞ୍ଚ ପକ୍ଷରୁ ମୋଟ ୭ଟି ଅକ୍ସିଜେନ ସିଲିଣ୍ଡର ଓ ୨ଟି ଅକ୍ସିଜେନ କନସେନଟ୍ରେଟର ନିଃଶୁଳ୍କ ଭାବେ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଛି।

# ସୁନ୍ଦରଗଡ଼ ଜିଲାରେ ୨୪ ଘଣ୍ଟାରେ ୮୩୨ ପଜିଟିଭ

**ସୁନ୍ଦରଗଡ଼,୧୭।୫ (ଡି.ଏନ.ଏ. )**

ସୁନ୍ଦରଗଡ଼ ଜିଲାରେ ୨୪ ଘଣ୍ଟାରେ ୮୩୨ କରୋନା ପଜିଟିଭ ଚିହ୍ନଟ ହୋଇଛି। ରାଉରକେଲା ସହରରେ ୨୧୬ ଓ ସୁନ୍ଦରଗଡ ସହରରେ ୧୫୨, ସୁନ୍ଦରଗଡ଼ ସଦର ବ୍ଲକରେ ୩୯, ବାଲିଶଙ୍କରା ବ୍ଲକରେ ୧୮, ବଣାଇରେ ୨୭, କୁଆଁରମୁଣ୍ଡାରେ ୩୨, ଲାଠିକଟାରେ୬, ରାଜଗାଙ୍ଗପୁରରେ ୮, ଟାଙ୍ଗରପାଲିରେ ୩୮, ବୀରମିତ୍ରପୁରରେ ୧୫, ବଡ଼ଗାଁରେ ୮, ଗୁରୁଣ୍ଡିଆରେ ୩୧, କୁତ୍ରାରେ ୪୨, ଲେଫ୍ରିପଡାରେ ୫୬, କୋଇଡାରେ ୧୬, ବିଶ୍ରାରେ ୩୭, ହେମଗିରରେ ୪୭, ସବ୍‌ଡେଗାରେ ୪୦, ଲହୁଣୀପଡା ଓ ନୂଆଗାଁରେ ୨ଟି ଲେଖାଏଁ ପଜିଟିଭ ଚିହ୍ନଟ ହୋଇଛି।

# କୋଭିଡ୍ ମୁକାବିଲା ନେଇ ଜିଲାପାଳ, ବିଧାୟକଙ୍କ ଆଲୋଚନା

**ସମ୍ବଲପୁର,୧୭।୫(ବ୍ୟୁରୋ)**

ସମ୍ବଲପୁର ଜିଲାରେ କୋଭିଡ୍ ସଂକ୍ରମଣ ସଂଖ୍ୟା ବୃଦ୍ଧିପାଇଛି। ଏହାର ମୁକାବିଲା ପାଇଁ ଜିଲାପାଳ ଶୁଭମ୍ ସକ୍‌ସେନା ଭର୍ଚୁଆଲରେ ବିଧାୟକମାନଙ୍କ ସହ ଆଲୋଚନା କରିଛନ୍ତି। ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେଢାଖୋଲ ବିଧାୟକ ରୋହିତ ପୂଜାରୀ, ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରୀ ନାଏକ, କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ଡିଆରଡିଏ ପିଡି ସୁକାନ୍ତ ତ୍ରିପାଠୀ, ଡାକ୍ତର ଭରତ ଚନ୍ଦ୍ର ଦାସ, ଡାକ୍ତର ହର ପ୍ରସାଦ ପ୍ରଧାନ ପ୍ରମୁଖ ଭାଗନେଇଥିଲେ। ଟେଷ୍ଟିଂ ବୃଦ୍ଧି କରିବା, ରିପୋର୍ଟ ଶୀଘ୍ର ଦେବା ଉପରେ ଆଲୋଚନା ହୋଇଥିଲା। ସହର ଓ ଗ୍ରାମାଞ୍ଚଳରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଥିବାରୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବିଧାୟକମାନେ ପ୍ରସ୍ତାବ ଦେଇଥିଲେ। ଟିକାକରଣ ଉପରେ ମଧ ଆଲୋଚନା ହୋଇଥିଲା। ଏ ପ୍ରସଙ୍ଗରେ ବିଦ୍ୟୁତ୍ ବିଭାଗ, ଆରଆଣ୍ଡବି, ଭିମ୍‌ସାର କର୍ତ୍ତୃପକ୍ଷଙ୍କ ସହ ମଧ ଆଲୋଚନା କରାଯାଇଥିଲା।

# ଡାଲମିଆ ସିମେଣ୍ଟ ତରଫରୁ ଆମ୍ବୁଲାନ୍ସ ସେବା ପ୍ରଦାନ

**ରାଜଗାଙ୍ଗପୁର, ୧୭।୫(ଡି.ଏନ୍.ଏ)**

ଅଞ୍ଚଳରେ କରୋନା ଭୂତାଣୁ ସଂକ୍ରମଣ ବଢିଚାଲିଥିବା ସମୟରେ ଆବଶ୍ୟକତାକୁ ଆଖିରେ ରଖି ଡାଲମିଆ ସିମେଣ୍ଟ (ଭାରତ) ଲିମିଟେ ରାଜଗାଙ୍ଗପୁର ତରଫରୁ ଏକ ଆମ୍ବୁଲାନ୍ସ ସ୍ଥାନୀୟ ସରକାରୀ ଡାକ୍ତରଖାନାର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପ୍ରଦାନ କରାଯାଇଛି। ଏହି ସେବା ମାଧମରେ କରୋନା ରୋଗୀଙ୍କୁ ଆବଶ୍ୟକତା ଅନୁଯାଇ ସୁନ୍ଦରଗଡ଼ ଏବଂ ରାଉରକେଲାସ୍ଥିତ କୋଭିଡ୍ ହସ୍ପିଟାଲକୁ ମାଗଣା ସ୍ଥାନାନ୍ତର କରାଯାଇପାରିବ। ରୋଗୀ ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚି ଚିକିତ୍ସା ପାଇପାରିବ। ସୁନ୍ଦରଗଡ ଜିଲାପାଳଙ୍କ ଦ୍ୱାରା କମ୍ପାନୀକୁ ଆମ୍ବୁଲାନ୍ସ ସେବା ପ୍ରଦାନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ରାଜଗାଙ୍ଗପୁର ଏବଂ ଏହାର ଆଖପାଖ ଅଞ୍ଚଳର ରୋଗୀ ଏହି ଆମ୍ବୁଲାନ୍ସ ସେବାର ଲାଭ ନେଇପାରିବେ। ଏହି ଆମ୍ବୁଲାନ୍ସ ସେବା ରାଜଗାଙ୍ଗପୁର ସରକାରୀ ଡାକ୍ତରଖାନାର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିୟନ୍ତ୍ରଣରେ ରହିବ। ଆମ୍ବୁଲାନ୍ସ ସହ ସ୍ଥାନୀୟ ଅଞ୍ଚଳ ପ୍ରତି ନିଜର ଦାୟିତ୍ୱକୁ ଧ୍ୟାନରେ ରଖି ବିଭିନ୍ନ ଗ୍ରାମ ଏବଂ ସହରର ବିଭିନ୍ନ ୱାର୍ଡକୁ କମ୍ପାନୀର ଦମକଳ ଗାଡ଼ି ଦ୍ୱାରା ନିୟମିତ ସାନିଟାଇଜ କରାଯାଉଛି।

# ଆଇନଶୃଙ୍ଖଳା ସୁଧାର ନେଇ ଭାଜପାର ଦାବିପତ୍ର

**ସମ୍ବଲପୁର,୧୭।୫(ବ୍ୟୁରୋ)**



ଏସ୍‌ପିଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଭାଜପା ଯୁବମୋର୍ଚ୍ଚା ସଦସ୍ୟ ।

ସମ୍ବଲପୁର ସହରରେ ଆଇନଶୃଙ୍ଖଳା ପରିସ୍ଥିତି ଭୁଷୁଡି ପଡିଛି। ଚୋରି, ଡକାୟତି, ରାହାଜାନି, ବଳାତ୍କାର, ଚୋରା ବନ୍ଧୁକ ଚାଲାଣ ଭଳି ଅପରାଧିକ କାର୍ଯ୍ୟ ବୃଦ୍ଧି ପାଇଛି। ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଏସ୍‌ପି ବାତୁଲା ଗଙ୍ଗାଧରଙ୍କୁ ସୋମବାର ଦାବିପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି, ସହରକୁ ଅନୁପ୍ରବେଶକାରୀ ଅବାଧରେ ଆସି ରହୁଛନ୍ତ। ସହରର କେତେଜଣ ଯୁବକ ଫେସ୍‌ବୁକ ଓ ସାମାଜିକ ଗଣମାଧ୍ୟମରେ ମିଥ୍ୟା ଆକାଉଣ୍ଟ ଖୋଲି ହିନ୍ଦୁ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ଜୀବନ ସହ ଖେଳ ଖେଳୁଛନ୍ତି। ଝିଅମାନେ ମାନସିକ ଚାପରେ ରହି ଆତ୍ମହତ୍ୟା କରୁଥିବା ନଜିର ରହିଛି। କିଛିଦିନ ପୂର୍ବରୁ ଭାଜପା ଜିଲା ସଭାପତି ଗରିଶ ପଟେଲଙ୍କୁ ଆକ୍ରମଣ କରିବା ଓ ଭାଜପା କାର୍ଯ୍ୟାଳୟରେ ବିଧାୟକଙ୍କ ଗାଡିର କାଚ ଭାଙ୍ଗିବା ଘଟଣାକୁ ସେମାନେ ଉଦାହରଣ ଭାବେ ଦର୍ଶାଇଥିଲେ। ଭାଜପା ଯୁବ ମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝି, ରାମଚନ୍ଦ୍ର ମେହେର, ସମୀର ରଞ୍ଜନ ବାବୁ, ଫଣି ମୁଷଣ ମିଶ୍ର, ଜୟନ୍ତ ଦାସ, ମନୋଜ ସ୍ୱାଇଁ, ଶିବ ଦିୱାନ, ଉଲ୍ଲାସ ବାରିକ, ପ୍ରଭୁଦତ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ଧବାହାଲରେ କୋଭିଡ୍ ନିୟମ ଉଲ୍ଲଂଘନ

**ଝାରସୁଗୁଡ଼ା ଅଫିସ,୧୭।୫**

## ରାଶନ ଦୋକାନରେ ଗ୍ରାହକଙ୍କ ଭିଡ଼



ବନ୍ଧବାହାଲ ମୁଖ୍ୟ ରାସ୍ତାରେ ଥିବା ଏକ ରାଶନ ଦୋକାନରେ ଗ୍ରାହକ ଭିଡ ଜମାଇଛନ୍ତି।

ଝାରସୁଗୁଡ଼ା ଜିଲାରେ କରୋନା ସଂକ୍ରମଣ ଦିନକୁ ଦିନ ବଢିଚାଲିଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଲକ୍‌ଡାଉନ୍ ଓ ସପ୍ତାହାନ୍ତ ଶଟ୍‌ଡାଉନ୍ ଜାରିରହିଛି। କେଉଁ ଦୋକାନ ଖୋଲିବ, ଦୋକାନ ଖୋଲିବା ସମୟ ସାରଣୀ, ସାମଗ୍ରୀ ବିକ୍ରିସମୟରେ ସମଦୂରତା ରକ୍ଷା ସାଙ୍ଗକୁ ମାସ୍କ ପରିଧାନ ଆଦିକୁ ନେଇ ଜିଲା ପ୍ରଶାସନ ତରଫରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏହାକୁ କେତେକ ଦୋକାନୀ ଓ ଗ୍ରାହକ ମାନୁ ନାହାନ୍ତି। ଏଭଳି ସ୍ଥିତି ଦେଖିବାକୁ ମିଳୁଛି କଳାହୀରାର ଶିଳ୍ପନଗରୀ ବନ୍ଧବାହାଲ ମାର୍କେଟ୍‌ରେ।

ମାର୍କେଟ୍ ମୁଖ୍ୟ ରାସ୍ତାରେ ଥିବା କେତେକ ରାଶନ ଦୋକାନରେ ଗ୍ରାହକଙ୍କ ଭିଡ ଜମୁଛି। ଗ୍ରାହକମାନେ ସାମଗ୍ରୀ କିଣିବା ସମୟରେ ସମଦୂରତା ରକ୍ଷା କରୁ ନ ଥିବାବେଳେ କେତେଜଣ ମାସ୍କ ପରିଧାନ କରୁ ନ ଥିବା ଦେଖିବାକୁ ମିଳୁଛି। ଗ୍ରାହକ ନିୟମ ନ ମାନିଲେ ଦୋକାନୀ ସାମଗ୍ରୀ ନ ଦେବାକୁ ନିୟମ ରହିଛି । ହେଲେ ଏଠାରେ ଉଭୟ ନିୟମ ଉଲ୍ଲଂଘନ କରିଚାଲିଛନ୍ତି। ସେହିପରି ମାର୍କେଟ୍ ରାସ୍ତା ପାର୍ଶ୍ୱରେ ଟିଫିନ୍ ଓ ଲସି ଦୋକାନ ଖୋଲିଥିବା ଦେଖିବାକୁ ମିଳୁଛି। ଏହିସବୁ ଉଠାଦୋକାନରେ ଲୋକେ ଭିଡ ଜମାଇ ଲସି ପିଇବା ସହ ଟିଫିନ୍ ଖାଉଛନ୍ତି। ପରିବା ମାର୍କେଟ୍‌ରେ ମଧ୍ୟ ଲୋକଙ୍କ ଭିଡ ଦେଖାଯାଉଛି। ଲକ୍‌ଡାଉନ୍ ଜାରିଥିବାବେଳେ ଏଠାରେ ଲୋକେ ଅବାଧରେ ବାଇକ୍ ଓ କାର୍‌ରେ ଯାତାୟାତ କରୁଛନ୍ତି। ଏ ଦିଗରେ ଲୋକେ ଜିଲା ପ୍ରଶାସନ ଓ ପୋଲିସର ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି। ଏଭଳି ସ୍ଥିତି ଜାରି ରହିଲେ ବନ୍ଧବାହାଲ ଶିଳ୍ପାଞ୍ଚଳରେ କରୋନା ସଂକ୍ରମଣ ବୃଦ୍ଧି ପାଇବା ଆଶଙ୍କା ଏଡାଇହେବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

**CORRIGENDUM TO TENDER CALL NOTICE NO. 01 DATED 28.01.2021 OF PANCHAYAT SAMITI, DARINGBADI, KANDHAMAL**

With reference to this Office Tender Call Notice No. 01 dated 28.04.2021, the conditions written in Tender book may please be read as follows.

**Sl. No. 06**- Bid document shall be dropped in the tender box placed in the Office chamber of BDO, Daringbadi on or before 1.00 PM of date 25.05.2021 instead of date 17.05.2021.

**Sl. No. 07**- Bids received shall be opened at 2.00 PM of date 25.05.2021 instead of 1.00 PM of date 17.05.2021.

All other conditions will remain unchanged.

**Sd./- Block Development Officer, Daringbadi**

**TPWODL**

**ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍**

**କର୍ପୋରେଟ୍ କାର୍ଯ୍ୟାଳୟ, ବୁର୍ଲା, ଜିଲ୍ଲା: ସମ୍ବଲପୁର, ଓଡ଼ିଶା- ୭୬୮୦୧୭**

**ନୋଟିସ**

ମାନ୍ୟବର ଓଇଆର୍‌ସି ତାଙ୍କର ତା୨୬।୦୩।୨୦୨୧ରିଖର ଆଦେଶ ସଂଖ୍ୟା ଓଇଆର୍‌ସି/ଇଏନ୍‌ଜିକି./୨/୨୦୨୧/୪୦୯ ମାଧ୍ୟମରେ ଟିପିଡବ୍ଲ୍ୟୁଓଡିଏଲ୍ ପାଇଁ ପ୍ରଯୁଜ୍ୟ ନୂଆ ଲାଇସେନ୍ସିଂ ସର୍ତ୍ତାବଳୀକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ସବିଶେଷ ଲାଇସେନ୍ସିଂ ସର୍ତ୍ତାବଳୀ ଆମ ୱେବ୍‌ସାଇଟ୍ www.tpwesternodisha.comରେ ଉପଲବ୍ଧ । ଏହାର ଏକ ନକଲ ଟିପିଡବ୍ଲ୍ୟୁଓଡିଏଲ୍ କର୍ପୋରେଟ୍ କାର୍ଯ୍ୟାଳୟରୁ ଫଟୋକପି ଶୁଳ୍କ ବାବଦରେ ଟ.୫୦/– ପୈଠ କରାଯାଇ ମଧ୍ୟ ହାସଲ କରାଯାଇପାରିବ ।

**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଡବ୍ଲ୍ୟୁଓଡିଏଲ୍**

**ODISHA JOINT ENTRANCE EXAMINATION - 2021 (OJEE - 2021)**

**No. OJEE/183** **Date: 14.05.2021**

**NOTICE REGARDING EXTENSION OF LAST DATE OF APPLICATION**

No. h-04: In view of the lockdown declared by the Govt. to check the spread of COVID -19 (coronavirus), it is hereby announced **that the last date for submission of online application forms for all the courses under OJEE 2021 is extended up to 15.06.2021 and last date for fee payment up to 17.06.2021**.

The detailed schedule regarding revised dates of downloading of Admit Cards and of the Examination will be notified in due course of time, on assessment of the situation after 15.06.2021 only.

Thus, all concerned are advised not to be unduly worried, but to abide, for the time being, by all the preventive measures laid down, from time to time, by various Govt. Agencies to check the spread of coronavirus, and visit the official websites of OJEE regularly for updated information.

**Sd./- CHAIRMAN,**
**OJEE, Odisha**

OIPR-14020/11/0003/2122

## ସଂକ୍ଷେପରେ

### ଚୋରି ଘଟଣା: ନାବାଳକ ସହ ଧରାପଡ଼ିଲେ ୫

**ଲହୁଣୀପଡ଼ା, ୧୭।୫ (ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅଞ୍ଚଳରେ ଚାରୋଟି ଚୋରି ଘଟଣାରେ ସଂଶ୍ଳିଷ୍ଟ ଥିବା ଦୁଇଜଣ ନାବାଳକ ସମେତ ମୋଟ ୫ ଜଣଙ୍କୁ ପୋଲିସ ଧରିଛି। ୨ ନାବାଳକଙ୍କୁ ବାଳସୁଧାର ଗୃହ ଓ ୩ ଯୁବକଙ୍କୁ ଜେଲ୍‌କୁ ପଠାଇଥିବା ଜଣାପଡ଼ିଛି। ଲହୁଣୀପଡ଼ା ମହାବିଦ୍ୟାଳୟରୁ କିଛିଦିନ ତଳେ ଦୁର୍ବୃତ୍ତମାନେ ଫ୍ୟାନ, ଟିଭି ଓ ଖେଳ ସାମଗ୍ରୀ ଚୋରି କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ବାଇପାସ୍ ରାସ୍ତାରୁ ଦୁଇଟି ପାଣିପମ୍ପ ମୋଟର ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ପୋଲିସ ପୃଥକ୍ ପୃଥକ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। କୌଣସି ସୂତ୍ରରୁ ଖବର ଲହଙ୍ଗାପଡ଼ାର ତସିବି ପାତ୍ର (୨୧), ଟିପୁପଡ଼ା ଗ୍ରାମର ଦିନେଶ ମହାନ୍ତ(୨୧), ନରେଶ ମାହାନ୍ତ(୨୬) ଏବଂ ଜଣେ ନାବାଳକ ମିଶି ଏହି ଚୋରି କରିଥିବା ପୋଲିସ ନିକଟରେ ସ୍ୱୀକାର କରିବା ସହ ଭାଗଲପୁର ସ୍କୁଲରୁ ଚାଉଳ ଚୋରି ଘଟଣାରେ ମଧ ଏମାନେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ। ସେହିଭଳି ଲହୁଣୀପଡ଼ା ଥାନା ଟେନସାସ୍ଥିତ ଏକ ଦୋକାନରୁ ସଟର ଭାଙ୍ଗି ଚୋରି ହୋଇଥିବା ଘଟଣାରେ ପୋଲିସ ଜଣେ ନାବାଳକକୁ ଅଟକ ରଖି ପଚରାଉଚୁରା କରିବାରୁ ଚୋରି କରିଥିବା ଘଟଣାକୁ ନାବାଳକ ସ୍ୱୀକାର କରିଥିବା ଜଣାପଡ଼ିଛି। କଲେଜରୁ ଫ୍ୟାନ, ଟିଭି, ଖେଳ ସାମଗ୍ରୀ ଓ ବାଇପାସ୍‌ରୁ ଚୋରି ହୋଇଥିବା ପାଣିପମ୍ପ ମୋଟରକୁ ପୋଲିସ ଉଦ୍ଧାର କରିବା ସହ ଭିନ୍ନ ଭିନ୍ନ ସମୟରେ ପୃଥକ୍ ଭାବେ ଚୋରି ହୋଇଥିବା ଅଭିଯୋଗରେ ଉପରୋକ୍ତ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବାବେଳେ ଅନ୍ୟ ଦୁଇ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଯାଇଥିବା ଜଣାପଡ଼ିଛି।

### ପ୍ରଧାନଶିକ୍ଷୟିତ୍ରୀଙ୍କ ବିୟୋଗରେ ଶିକ୍ଷକ ମହଲରେ ଶୋକ



ପ୍ରଧାନଶିକ୍ଷୟିତ୍ରୀ ଧାର୍ମୁନୀତ ଏକ୍କା (ଫାଇଲ ଫଟୋ)।

**କୁଆଁରମୁଣ୍ଡା, ୧୭।୫(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ଜଲଙ୍ଗବିରା ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ତଥା ରାଜ୍ୟ ଶିକ୍ଷକ ସଂଘର ଜଣେ ଜଣାଶୁଣା ନେତ୍ରୀ ଧାର୍ମୁନୀତ ଏକ୍କାଙ୍କର ରବିବାର ବିଳମ୍ବିତ ରାତିରେ ହଠାତ୍ ମୃତ୍ୟୁ ହୋଇଯାଇଛି। ରାଏବୋଗା ଥାନା ବଡମାଲବସ୍ତିରେ ସେ ଜନ୍ମ ଗ୍ରହଣ କରିଥିଲେ। ଏହି ଖବର ସୋମବାର ସକାଳୁ ପ୍ରଚାରିତ ହୋଇଯିବା ଫଳରେ ଜିଲା ଶିକ୍ଷକ ସଂଘ, ବ୍ଲକ ଶିକ୍ଷକ ସଂଘର କର୍ମକର୍ତ୍ତା, ଶୁଭେଚ୍ଛୁମାନେ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଶୋକବାର୍ତ୍ତା ପଠାଉଛନ୍ତି। କରୋନା ବିଭିଷିକା ସମୟରେ ଶୁଭେଚ୍ଛୁମାନେ ଘରେ ରହି ନିଜର ଶୋକବାର୍ତ୍ତା ଫୋନ ମାଧ୍ୟମରେ ତାଙ୍କ ପରିବାରବର୍ଗଙ୍କୁ ଜଣାଉଛନ୍ତି। ସେ ଅବିବାହିତ ରହି ନିଜର ଦରମା ରାଶିକୁ ଗରିବ ପିଲାମାନଙ୍କର ପାଠପଢ଼ା ପାଇଁ ଦାନ କରୁଥିଲେ। ଯେଉଁଥି ପାଇଁକି ସେ କେବଳ ଶିକ୍ଷକମହଲ ନୁହେଁ, ଉଭୟ ବିଦ୍ୟାର୍ଥୀ ଓ ଅଭିଭାବକମହଲରେ ବେଶ ପରିଚିତ ଥିଲେ ବୋଲି ଜଣାଶୁଣା ଶିକ୍ଷକ ସଞ୍ଜୟ କୁମାର ସାମଲଙ୍କ ସହ ଅନ୍ୟମାନେ ନିଜ ଶୋକବାର୍ତ୍ତାରେ କହିଛନ୍ତି।

# ବଡ଼ଗାଁ ବ୍ଲକ: କ୍ୱାକ୍‌ଙ୍କ ହାତରେ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବା

**ବଡ଼ଗାଁ, ୧୭।୫ (ଡି.ଏନ୍.ଏ.)**

ଦୀର୍ଘ ବର୍ଷ ହେଲା ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟ ଉଚ୍ଚ ଅଧିକାରୀମାନଙ୍କୁ ଅର୍ଥବଳରେ ହାତେଇ ଗ୍ରାମାଞ୍ଚଳରେ ଚିକିତ୍ସା କରୁଛନ୍ତି କ୍ୱାକ୍ । ଗ୍ରାମାଞ୍ଚଳବାସୀଙ୍କ ପାଇଁ ସରକାର ଉପ ସ୍ୱାସ୍ଥ୍ୟକେନ୍ଦ୍ର ଗାଁରେ ଖୋଲି କର୍ମଚାରୀ ନିଯୁକ୍ତି କରିଥିଲେ ମଧ୍ୟ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ଷସାରା ତାଲା ଝୁଲାଇ ବେଶ୍ ଆରାମରେ ଦରମାନେଇ ଘରେ ରହୁଛନ୍ତି ସ୍ୱାସ୍ଥ୍ୟ କର୍ମୀ। ଏସବୁ ସତ୍ତ୍ୱେ ବିଭାଗୀୟ ଅଧିକାରୀମାନେ ଆଖି ବନ୍ଦ କରିଦେଇଛନ୍ତି ଭଳି ମନେହେଉଛି। ଏଭଳି ପରିସ୍ଥିତି ଦେଖାଦେଇଛି ସୁନ୍ଦରଗଡ଼ ଜିଲାର ବଡ଼ଗାଁ ବ୍ଲକ ଅଞ୍ଚଳରେ।

ଦୀର୍ଘ ୨୦ ବର୍ଷ ପୂର୍ବେ କୋଲକାତାରୁ ଏହି ଅଞ୍ଚଳକୁ ଆସି ଭଡ଼ା ଘରେ ଚିକିତ୍ସା କେନ୍ଦ୍ର ଖୋଲିଥିଲେ ଜଣେ କ୍ୱାକ୍। ଦଶବର୍ଷ ମଧ୍ୟରେ ଜାଗା କିଣି ନିଜସ୍ୱ ଘର କ୍ଲିନିକ କରିବା ସହିତ କାର କିଣିଛନ୍ତି। କେବଳ ଜଣେ ନୁହଁନ୍ତି, ବଡ଼ଗାଁ ବ୍ଲକ ଅଞ୍ଚଳରେ

## ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା

ଏମିତି କ୍ୱାକ୍‌ମାନେ ରହି ଲୋକଙ୍କଠାରୁ ଚିକିତ୍ସା ନାଁରେ ଅର୍ଥ ଲୁଟ୍ କରୁଛନ୍ତି। ତେବେ କରୋନା ସମୟରେ ଏହି କ୍ୱାକ୍‌ମାନଙ୍କ କ୍ଲିନିକ୍‌ରେ ଭିଡ଼ ଜମୁଛି। ବର୍ତ୍ତମାନ ସଂକ୍ରମଣ ଯୋଗୁ ପ୍ରାୟ ସମସ୍ତ ଗାଁରେ କାଶ, ସର୍ଦ୍ଦି, ଜ୍ୱର ବ୍ୟାପିଥିବାବେଳେ କ୍ୱାକ୍‌ମାନେ ଗାଁଗାଁ ବୁଲି ଔଷଧ, ଇଞ୍ଜେକସନ ଦେଉଛନ୍ତି। ଫଳରେ ଆକ୍ରାନ୍ତ ବ୍ୟକ୍ତି ଡାକ୍ତରଖାନା ଯାଉନାହାନ୍ତି। ପରୀକ୍ଷା ମଧ୍ୟ କରାଉନାହାନ୍ତି। ଏହି କାରଣରୁ ସଂକ୍ରମଣ ବଢୁଛି। ଏଦିଗ ପ୍ରତି ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେଉନାହାନ୍ତି। ଗ୍ରାମାଞ୍ଚଳରେ ନିରୀହ ବ୍ୟକ୍ତିମାନେ କ୍ୱାକ୍‌ଙ୍କଠାରେ ଅର୍ଥ ଶ୍ରାଦ୍ଧ କରି ଜୀବନକୁ ବିପନ୍ନ କରୁଛନ୍ତି। ଏହିଭଳି ଏକ ଘଟଣା ହେଲା ୧୫ ଦିନ ପୂର୍ବେ ପାମରାର ନେତ୍ରାନନ୍ଦ ଖୁଣ୍ଟିଆଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ କ୍ୱାକ୍‌ଙ୍କଠାରେ ଚିକିତ୍ସିତ ହୋଇଥିଲେ। ଇଞ୍ଜେକସନ ଦେଲାପରେ ନେତ୍ରାନନ୍ଦଙ୍କ ହାତଗୋଡ଼ ଅଚଳ ହୋଇଯାଇଥିଲା। ଏହା ପରେ ତାଙ୍କୁ ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନା ନିଆଯାଇଥିଲା। ସେଠାରେ କ୍ୱାକ୍ କେଉଁ ଇଞ୍ଜେକସନ ଦେଇଥିଲେ ଚିଠା ଦେଖାଅ କହିବାରୁ କ୍ୱାକ୍ ଚିଠା ନ ଦେଇ ତାଙ୍କ ଖାତାରେ ଲେଖି ଔଷଧ, ଇଞ୍ଜେକସନ ଦେଇଥାନ୍ତି କହିବାରୁ ଡାକ୍ତର ବିରକ୍ତି ପ୍ରକାଶ କରିଥିଲେ। ଏହି କ୍ୱାକ୍‌ମାନେ ତାଙ୍କ କ୍ଲିନିକରେ ରୋଗୀଙ୍କୁ ଏଡ଼ମିଟ କରି ଚିକିତ୍ସା କରୁଛନ୍ତି। ରୋଗୀଙ୍କଠାରୁ ପ୍ରଚୁର ଅର୍ଥ ଆଦାୟ କରୁଥିବା ଓ ବେନିୟମ ଭାବେ ଚିକିତ୍ସାଳୟ ଚାଲିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କେବେ ଚଢାଉ କରିବା ଦେଖାଯାଇନାହିଁ

ନିକଟରେ କୁତ୍ରା, ନୂଆଗାଁ, ରାଜଗାଙ୍ଗପୁର ବ୍ଲକରେ କ୍ୱାକ୍‌ମାନଙ୍କ ବେଆଇନ କ୍ଲିନିକଗୁଡ଼ିକ ଉପରେ ପ୍ରଶାସନ ପକ୍ଷରୁ ଯେଉଁଭଳି ଚଢାଉ କରାଯାଇ ସିଲ୍ କରାଯାଇଛି ବଡ଼ଗାଁ ଅଞ୍ଚଳରେ ସେହିଭଳି କରାଯିବାର ଆବଶ୍ୟକତା ରହିଛି। ବଡ଼ଗାଁ ବ୍ଲକ ଅଞ୍ଚଳରେ ଔଷଧ ଦୋକାନ ଦେଇଥିବା କେତେଜଣ ବ୍ୟକ୍ତି ଦୋକାନରେ ରୋଗୀ ଚିକିତ୍ସା କରୁଛନ୍ତି। ଦୁର୍ଭାଗ୍ୟର କଥା ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ପାଇଁ ସରକାର ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିଥିଲେ ମଧ୍ୟ ପାମରା ଗାଁର ଉପସ୍ୱାସ୍ଥ୍ୟକେନ୍ଦ୍ର ବର୍ଷ ସାରା ବନ୍ଦ ରହିଛି। କେବଳ ପୋଲିଓ ଏବଂ ଗର୍ଭବତୀଙ୍କୁ ଇଞ୍ଜେକସନ ଦେବା ଦିନ କେନ୍ଦ୍ର ଖୋଲିଥାଏ। ଉଚ୍ଚ ଅଧିକାରୀଙ୍କ ଛତ୍ରଛାୟା ବିନା ଏହା କଦାପି ସମ୍ଭବ ନୁହେଁ। ତେବେ କ୍ୱାକ୍‌ମାନଙ୍କ ଦ୍ୱାରା ରୋଗୀଙ୍କୁ ଶୋଷଣ ପାମରା, ବରଙ୍ଗାକଛାର, ସାହାଜବାହାଲ ଗାଁରେ ଦେଖାଯାଇଛି। ବିଭାଗୀୟ ଜିଲା ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ପରିବା ବିକାଳିଙ୍କ ପାଇଁ ସ୍ଥାନ ଚିହ୍ନଟ କଲା ପଞ୍ଚାୟତ




ପରିବା ବ୍ୟବସାୟୀଙ୍କ ଲାଗି ସ୍ଥାନ ଚିହ୍ନଟ କରାଯାଉଛି।

**କୁତ୍ରା, ୧୭।୫(ଡ଼ି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରା ଗ୍ରାମପଞ୍ଚାୟତର ସଦରମହକୁମାର କୁତ୍ରାଠାରେ ପରିବା ବିକାଳିଙ୍କ ପାଇଁ ଦୂରତା ରକ୍ଷାକୁ ନେଇ ଚୂନମାରି ଚିହ୍ନଟ କଲେ ଗ୍ରାମପଞ୍ଚାୟତ ଅଧିକାରୀ। ଏବେ କରୋନା ମହାମାରୀ ହୁହୁ ହୋଇ ବ୍ୟାପିବାରେ ଲାଗିଥିବା ବେଳେ କୁତ୍ରା ଅଞ୍ଚଳରେ ମଧ ଏହାର ପ୍ରଭାବ ଦେଖିବାକୁ ମିଳିଛି। କରୋନା ଶୃଙ୍ଖଳକୁ ଭାଙ୍ଗିବା ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ପ୍ରକାର ପଦକ୍ଷେପମାନ ନିଆଯାଉଛି। ପ୍ରଥମେ ନାଇଟ କର୍ଫ୍ୟୁ, ସପ୍ତାହନ୍ତ ଶଟଡାଉନ ଏବଂ ଏବେ ୧୪ ଦିନିଆ ଲକଡାଉନ ଜାରି ରହିଛି। ହେଲେ ପରିବା ବିକାଳିଙ୍କ ପାଇଁ କିଛି ମାତ୍ରାରେ କୋହଳ କରାଯାଇଛି। କୃଷକମାନେ ନିଜର ଉତ୍ପାଦନ କରୁଥିବା ପନିପରିବାକୁ

## କୋଭିଡ ନିୟମକୁ ଆଖି ଆଗରେ ରଖି ପଦକ୍ଷେପ

କୁତ୍ରା ୧୦ ନମ୍ବର ରାଜ୍ୟରାଜପଥ ଉପରେ ବିକ୍ରି କରୁଥିବା ବେଳେ ପରିବା ବିକାଳି ମାନେ ନିଜ ମଧ୍ୟରେ ସାମାଜିକ ଦୂରତା ରକ୍ଷା କରୁ ନ ଥିବା ଦେଖିବାକୁ ମିଳିଛି। ଏହା ଦ୍ୱାରା ଗୋଷ୍ଠୀ ସଂକ୍ରମଣ ହେବାର ଆଶଙ୍କା ଥିବାରୁ ଏହାକୁ ଏଡାଇବା ପାଇଁ କୁତ୍ରା ଗ୍ରାମପଞ୍ଚାୟତ ପକ୍ଷରୁ ପରିବା ବିକାଳିଙ୍କ ବସିବା ପାଇଁ ଚୂନଦ୍ୱାରା ସ୍ଥାନ ଚିହ୍ନଟ କରାଯାଇଛି। କୁତ୍ରା ସରପଞ୍ଚ ଲଳିତା ବରୁଆ, ଗ୍ରାମ ପଞ୍ଚାୟତ ଅଧିକାରୀ ଗୋପୀ ସାହୁ, ବିଜୟ ଟପ୍ପୋ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକୁ ତଦାରଖ କରୁଥିଲେ। ତେବେ ଏହାକୁ ସଚେତନ ନାଗରିକଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି।

# ପ୍ରାଥମିକ ଶିକ୍ଷକଙ୍କୁ କରୋନା ଯୋଦ୍ଧାର ମାନ୍ୟତା ଦାବି

**ଦେବଗଡ଼, ୧୭।୫ (ଡି.ଏନ.ଏ)**

ପ୍ରାଥମିକ ଶିକ୍ଷକମାନଙ୍କୁ କରୋନା ଯୋଦ୍ଧାର ମାନ୍ୟତା ଦେବା ପାଇଁ ସୋମବାର ତିଲେଇବଣି ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ତିଲେଇବଣି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସୁଶାନ୍ତ କୁମାର ନନ୍ଦ, ସମ୍ପାଦକ ଡୋଳାଧର ସ୍ୱାଇଁ, କୋଷାଧକ୍ଷ ସୁଧାଂଶୁ ପ୍ରଧାନ ଓ ସୌମିତ୍ରୀ ମହାପାତ୍ର ପ୍ରମୁଖ ଦେବଗଡ ଜିଲାପାଳ ଓ ବିଧାୟକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉକ୍ତ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି। ଜିଲାରେ ଦିନକୁ ଦିନ କରୋନା ସଂକ୍ରମଣ ବୃଦ୍ଧି ପାଉଥିବା ବେଳେ କୋଭିଡ୍ ପରିଚାଳନାରେ ପ୍ରାଥମିକ ଶିକ୍ଷକମାନଙ୍କୁ ନିୟୋଜିତ କରାଯାଇଛି। ଏଥିସହ କରୋନା ହେଲ୍ପ ଡେସ୍କ ଏବଂ ହାଉସହୋଲ୍ଡ କରୋନା ସମ୍ପର୍କୀତ ତଥ୍ୟ ସଂଗ୍ରହ



ପ୍ରାଥମିକ ଶିକ୍ଷକଙ୍କୁ କରୋନା ଯୋଦ୍ଧା ମାନ୍ୟତା ଦାବିରେ ସ୍ମାରକପତ୍ର।

କାର୍ଯ୍ୟରେ ସେମାନଙ୍କୁ ନିୟୋଜିତ କରାଯାଉଥିବା ଦର୍ଶାଇ ସେମାନଙ୍କୁ କୋଭିଡ ଯୋଦ୍ଧାର ମାନ୍ୟତା ପ୍ରଦାନ କରିବାକୁ ଦାବି କରାଯାଇଛି। ସ୍ୱାସ୍ଥ୍ୟ କର୍ମୀମାନଙ୍କ ଭଳି ପ୍ରାଥମିକ ଶିକ୍ଷକଙ୍କୁ ମଧ ମାସ୍କ, ସାନିଟାଇଜର, ପିପିଇ କିଟ ଓ ପାନୀୟ ଜଳ ଯୋଗାଇ ଦିଆଯିବା, କୋଭିଡରେ ମୃତ୍ୟୁବରଣ କରିଥିବା ପ୍ରାଥମିକ ଶିକ୍ଷକଙ୍କ ପରିବାର ଲୋକଙ୍କୁ ଚାକିରି ଓ ସମ୍ପୂର୍ଣ୍ଣ ପରିବାର ପେନସନ ସହ ସେମାନଙ୍କୁ ତୁରନ୍ତ ଡବଲ ଡୋଜ କରୋନା ଟିକା ପ୍ରଦାନ କରାଯିବାକୁ ମଧ ଉକ୍ତ ଦାବିପତ୍ରରେ ଉଲ୍ଲେଖ ଥିବା ଜଣାପଡିଛି।

# ଅମାନିଆଙ୍କ ଭିଡ଼, ପୋଲିସ ଦେଖିଲେ ଚମ୍ପଟ

**ରିଆମାଳ, ୧୭।୫ (ଡି.ଏନ୍.ଏ)**

ଦେବଗଡ଼ ଜିଲା ଏସ୍‌ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ରଙ୍କ ରିଆମାଳ, ବୁଢାପାଳ, କୁଣ୍ଢେଇଗୋଳା ଗ୍ରସ୍ତ କରି ଅମାନିଆଙ୍କୁ ସଚେତନତା କଲେ ମଧ ସନ୍ଧ୍ୟାବେଳେ ସାହିବସ୍ତିରେ ଅମାନିଆଙ୍କ ଭିଡ ଦେଖିବାକୁ ମିଳୁଛି । ବିଶେଷ କରି ୬୦ ବର୍ଷରୁ ଅଧିକ ଜଣାଶୁଣା ଶିକ୍ଷିତ ବ୍ୟକ୍ତି ବି ବାଦ ପଡୁନାହାନ୍ତି। ସନ୍ଧ୍ୟା ୬ ଟାରୁ ୯ଟା ପର୍ଯ୍ୟନ୍ତ ମହିଳାମାନେ ବିନା ମାସ୍କରେ ଘର ଆଗରେ ବସୁଛନ୍ତି। ଅମାନିଆ ଯୁବକମାନେ ବିନା ମାସ୍କରେ ଚାରିଆଡ଼େ ବୁଲୁଛନ୍ତି। ପୋଲିସ ଦେଖିଲେ ଚୋରଙ୍କ ପରି ସାହିବସ୍ତିକୁ ଦୌଡୁଛନ୍ତି। ଜୀବନକୁ ଭୟନାହିଁ ବୋଲି ସେମାନେ ଭାବୁଛନ୍ତି। ଏହି ଅମାନିଆମାନେ ସଚେତନ ନ ହେଲେ ପରିସ୍ଥିତି ଅଧିକ ଜଟିଳ ହେବା ଆଶଙ୍କା ରହିଛି।

# ସୁଦକ୍ଷର ୩ କେନ୍ଦ୍ରରେ ଭର୍ଚୁଆଲ ଶିକ୍ଷା

**ସୁନ୍ଦରଗଡ଼, ୧୭।୫(ଡି.ଏନ୍.ଏ.)**

ସୁନ୍ଦରଗଡ ଜିଲାର ଶିକ୍ଷିତ ଯୁବତୀଯୁବକଙ୍କୁ ମାଗଣାରେ ନିଯୁକ୍ତି ଉପଯୋଗୀ କୋଚିଂ ଦେଇ ସେମାନଙ୍କ କ୍ୟାରିୟର ସାକାର କରିବା ଲାଗି 'ସୁଦକ୍ଷ' କାର୍ଯ୍ୟକ୍ରମ ଚାଲିଛି। ପ୍ରଥମ ବ୍ୟାଚ ଏହାର ୩ଟି କେନ୍ଦ୍ରରୁ ଛାତ୍ରୀଛାତ୍ର ସଫଳତାର ସହ କୋଚିଂ ଶେଷ କରିଛନ୍ତି। ଚଳିତ ମାସ ୧୧ରୁ ଦ୍ୱିତୀୟ ବ୍ୟାଚ ଛାତ୍ରୀଛାତ୍ରଙ୍କ କୋଚିଂ ଆରମ୍ଭ ହୋଇଛି। କରୋନା ମହାମାରୀକୁ ଦୃଷ୍ଟିରେ ରଖି ଏହି କୋଚିଂ କ୍ଲାସ ଭର୍ଚୁଆଲ ମାଧ୍ୟମରେ କରାଯାଉଛି। ଗତ ମେ' ୧ ତାରିଖରେ 'ସୁଦକ୍ଷ'ର ତିନୋଟି କେନ୍ଦ୍ରରୁ ପ୍ରଥମ ବ୍ୟାଚ ପ୍ରାର୍ଥୀମାନେ ୩ ମାସିଆ କୋଚିଂ ଶେଷ କରିଥିଲେ। ଦ୍ୱିତୀୟ ବ୍ୟାଚ 'ସୁଦକ୍ଷ'ର ତିନୋଟିଯାକ କେନ୍ଦ୍ରରେ ୫୦ ଜଣ କରି ମୋଟ ୧୫୦ ପ୍ରାର୍ଥୀ ନାମ ଲେଖାଇଛନ୍ତି। ପ୍ରଥମେ ସେମାନଙ୍କର ଓରିଏଣ୍ଟେସନ କରାଯିବା ପରେ ଅନଲାଇନ ମାଧ୍ୟମରେ ପାଠପଢା ଆରମ୍ଭ ହୋଇଛି । କୋଭିଡ ସମୟରେ ଘରେ ରହି ସେମାନେ ଅନଲାଇନ୍‌ରେ କ୍ଲାସ କରୁଛନ୍ତି। ଏଥିପାଇଁ କେନ୍ଦ୍ର ପକ୍ଷରୁ ସମସ୍ତଙ୍କୁ ଇଣ୍ଟରନେଟ ଡାଟା ପ୍ୟାକ ଦିଆଯାଇଛି। ତେବେ କୌଣସି ସ୍ଥାନରେ ଇଣ୍ଟରନେଟ ସମସ୍ୟା ଯୋଗୁଁ କୌଣସି ପିଲା କ୍ଲାସ କରି ନ ପାରିଲେ, ସେମାନଙ୍କ ପାଇଁ ଅତିରିକ୍ତ କ୍ଲାସ ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି। ଠିକ ମାର୍ଗଦର୍ଶନ ଅଭାବରୁ ଜିଲାର ବହୁ ମେଧାବୀ ତଥା ଗରିବ ଶ୍ରେଣୀର ଛାତ୍ରୀଛାତ୍ର ଚାକିରି ପାଇଁ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ଦେଇ ଅନେକ ସମୟରେ ସଫଳତା ପାଇପାରୁ ନଥିଲେ। ମାଗଣାରେ କୋଚିଂ ସୁବିଧା ଯୋଗାଇଦେଇ ସେମାନଙ୍କ ନିଯୁକ୍ତି ସମ୍ଭାବନା ବାଢ଼ିବା ଲାଗି ଜିଲା ପ୍ରଶାସନ ପକ୍ଷରୁ 'ସୁଦକ୍ଷ' ଭଳି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଛି ସୁନ୍ଦରଗ ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ)। ନିୟତି ଫାଉଣ୍ଡେସନ ଅନୁଷ୍ଠାନ ଏହାର ପରିଚାଳନା ଦାୟିତ୍ୱ ନେଇଛି। ଏହି କାର୍ଯ୍ୟକ୍ରମ ଜରିଆରେ ୧୭ରୁ ୨୮ ବର୍ଷ ବୟସ ମଧରେ +୨ ଓ +୩ ଉତ୍ତୀର୍ଣ୍ଣ ଯୁବକ ଯୁବତୀଙ୍କୁ ଏହି କୋଚିଂ ପାଇଁ ବଛାଯାଉଛି। ବ୍ୟାଙ୍କିଙ୍ଗ ଓ ବୀମାକ୍ଷେତ୍ର, ଷ୍ଟାଫ ସିଲେକ୍ସନ, ରେଲୱେ, ଆର୍ମି, ଏୟାରଫୋର୍ସ, ନାଭାଲ, ଓ ପୋଲିସ ଓ ଅର୍ଦ୍ଧସାମରିକ ବାହିନୀ ଇତ୍ୟାଦିରେ ନିଯୁକ୍ତି ଲକ୍ଷ୍ୟ ରଖି ପିଲାଙ୍କୁ କୋଚିଂ ଦିଆଯାଉଛି। ପ୍ରଶାସନ ମାଗଣାରେ କୋଚିଂ ସହ ହଷ୍ଟେଲରେ ରହିବା, ଖାଇବା, ୟୁନିଫର୍ମ ଏବଂ ପାଠ୍ୟ ଉପକରଣ ଯୋଗାଇଦେଉଛି।

# ରାଜା ସାର୍ ବାସୁଦେବ ସୁଢଳ ଦେବଙ୍କ ଭର୍ଚୁଆଲ ଜୟନ୍ତୀ

**ଦେବଗଡ଼, ୧୭।୫ (ଡି.ଏନ.ଏ.)**

ଦେବଗଡ଼ ରାଜପରିବାରର ଦାୟାଦ ଶୋଭାଶ୍ରୀ ଦେବୀଙ୍କ ଆବାହକତ୍ୱରେ ରବିବାର ସନ୍ଧ୍ୟାରେ ଭର୍ଚୁଆଲ ସମ୍ମିଳନୀ ମାଧମରେ ଓଡିଶାର ବିକ୍ରମାଦିତ୍ୟ ରାଜା ସାର ବାସୁଦେବ ସୁଢଳ ଦେବ (କେସିଆଇଇ)ଙ୍କ ୧୭୧ ତମ ଜୟନ୍ତୀ ପାଳିତ ହୋଇଯାଇଛି। 'ଜୁମ୍ ଆପ୍' ମାଧମରେ ଆୟୋଜିତ ଏହି ଜୟନ୍ତୀ ଉତ୍ସବରେ ଦେବଗଡ଼ ଜିଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସାହିତ୍ୟିକ, ବୁଦ୍ଧିଜୀବୀ ଓ ସାମ୍ବାଦିକଙ୍କ ସମେତ ଭାରତର ବିଭିନ୍ନ ପ୍ରାନ୍ତରରେ ଥିବା ରାଜ ପରିବାର ସଦସ୍ୟସଦସ୍ୟା ଏବଂ ଦାୟାଦମାନେ ଅଂଶଗ୍ରହଣ କରି ରାଜା ସାର ବାସୁଦେବ ସୁଢଳଦେବଙ୍କର ସ୍ତୁତିଗାନ କରିଥିଲେ। ଏହି ଭର୍ଚୁଆଲ ଜୟନ୍ତୀ ଉତ୍ସବରେ ସମ୍ମିଳନୀରେ ପଶ୍ଚିମବଙ୍ଗ ପୁରୁଲିଆର ପାର୍ବତୀ ଦେବୀ, ପଶ୍ଚିମବଙ୍ଗ ବର୍ଦ୍ଧମାନର ବିଦ୍ୟୁତ୍ ପ୍ରଭା ଦେବୀ, କୋଲକାତାର କମଳେଶ ଦେବୀ, ମୁମ୍ବାଇର ଦେବଶ୍ରୀ ରାୟ, ପୁରୀର ଅସାମା ଦେବୀ, ଭୁବନେଶ୍ୱରର ପ୍ରତିଭା ଦେବୀ, କଟକର ନମିତା କାନୁନଗୋ, ବଡବିଲର ରାଜଲକ୍ଷ୍ମୀ ଦେବୀ, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ଭାରତ ଭୂଷଣ ନନ୍ଦ, ଦିଲ୍ଲୀପ କୁମାର ଗୁରୁ, ଅଶୋକ କୁମାର ନନ୍ଦ, ସତ୍ୟନାରାୟଣ ମିଶ୍ର, ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦର ସଦସ୍ୟ ସମ୍ପାଦକ ଚିତ୍ତରଂଜନ ଦାସ, ଭାନୁଶଙ୍କର ନନ୍ଦ, କାମାକ୍ଷା ଗଙ୍ଗଦେବ, ଅବିନାଶ ଗଙ୍ଗଦେବ, ନିରୁପମା ଦେବୀ, ଜ୍ୟୋତ୍ସ୍ନା ଦେବୀ ପ୍ରମୁଖ ଅଂଶଗ୍ରହଣ କରି ବାମଣ୍ଡା ରାଜ୍ୟର ସ୍ୱର୍ଣ୍ଣିମ ଇତିହାସ ସମ୍ପର୍କରେ ଚର୍ଚ୍ଚା କରିବା ସହ ରାଜ୍ୟର ବିକାଶରେ ରାଜା ସାର ବାସୁଦେବ ସୁଢଳ ଦେବଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ରାଜାଙ୍କ ବହୁମୁଖୀ କାର୍ଯ୍ୟକଳାପ ସମ୍ପର୍କରେ ଗୁଣଗାନ କରିଥିଲେ।

# ଅମରେନ୍ଦ୍ର ମହାନ୍ତିଙ୍କ ବିୟୋଗରେ ସୁନ୍ଦରଗଡ଼ କଳାକାର ମଞ୍ଚ ପକ୍ଷରୁ ଶୋକ

**ସୁନ୍ଦରଗଡ଼, ୧୭।୫(ଡି.ଏନ୍.ଏ.)**

ଓଡ଼ିଆର ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଅମରେନ୍ଦ୍ର ମହାନ୍ତି (ବୁଲୁ ଭାଇ)ଙ୍କ ବିୟୋଗରେ ସୁନ୍ଦରଗଡ କଳାକାର ମଞ୍ଚ ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ଚଳଚ୍ଚିତ୍ର ଜଗତରେ ସଙ୍ଗୀତ ନିର୍ଦ୍ଦେଶନା ଦେଇ ଦର୍ଶକଙ୍କ ପାଖରେ ବେଶ ଆଦୃତ ଲାଭ କରି ପାରିଥିଲେ। ସୁନ୍ଦରଗଡ଼ ଜିଲାର କଳାକାର ମଞ୍ଚ ତରଫରୁ ତାଙ୍କର ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଛି। ମଞ୍ଚର ରଞ୍ଜିତ ପଶାୟତ, ପ୍ରଦୀପ ଦତ୍ତ, ରଞ୍ଜୁ ଠାକୁର, ରୋଶନ ସାହୁ, ଗୋପାଳ ପୃସେଠ, ଉଦ୍ଧବ ଭିତିରିଆ, ବିଜୁ ମହାରଣା, ଦୁର୍ଗାମାଧବ ପଣ୍ଡା, ଭୁପେନ ଅମାତ, ପ୍ରିୟଙ୍କା ଜେନା, କବିତା ସାହୁ, ମନୋଜ ସାହୁ, ରାହୁଲ ପଟେଲ, ବିବେକ ନାଏକ ପ୍ରମୁଖ କଳାକାର ବୃନ୍ଦ ଶୋକ ପ୍ରକାଶ କରିଛନ୍ତି।

# ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ



ଦେବଗଡ଼ ଅଗ୍ନିଶମ ବିଭାଗ ପକ୍ଷରୁ ସାନିଟାଇଜ କରାଯାଉଛି।

**ଦେବଗଡ଼, ୧୭।୫ (ଡି.ଏନ.ଏ)**

ଦେବଗଡ଼ ଅଗ୍ନିଶମ ବିଭାଗ ପକ୍ଷରୁ ସ୍ଥାନୀୟ କୋଭିଡ୍ କେୟାର ସେଣ୍ଟର ସମେତ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ସୋମବାର ସାନିଟାଇଜ କରାଯାଇଛି। ଦେବଗଡ଼ ଅଗ୍ନିଶମ ବିଭାଗ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଅଗ୍ନିଶମ କର୍ମଚାରୀମାନେ ଦେବଗଡ଼ ପୌରାଞ୍ଚଳର ବିଭିନ୍ନ ୱାର୍ଡ, ସରକାରୀ କାର୍ଯ୍ୟାଳୟ, ହାଟ ଓ କୋଭିଡ୍ କେୟାର ସେଣ୍ଟରକୁ ସାନିଟାଇଜ କରାଯାଇଥିଲା। ସେହିପରି କୋଭିଡ୍ କେୟାର ସେଣ୍ଟରରେ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିର୍ବାପକ ମକଡ୍ରିଲ କରାଯାଇଥିଲା। ଏହି ଅବସରରେ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ଦୁର୍ଘଟଣା ଜନିତ ସୁରକ୍ଷା ବ୍ୟବସ୍ଥା ସହିତ ଅଗ୍ନି ନିର୍ବାପନ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଗ୍ନିଶମ ଅଧିକାରୀ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଗ୍ନି ନିର୍ବାପନ ସମ୍ବନ୍ଧୀୟ ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରାଯାଇଥିଲା। ଅଗ୍ନିକାଣ୍ଡ ସମୟରେ ନିର୍ବାପନ ଯନ୍ତ୍ରର ବ୍ୟବହାର, ନିଆଁ ଲାଗିଲେ ସେଠାରୁ ସୁରକ୍ଷିତ ଭାବେ ମୁକୁଳିବାର ଉପାୟ ଏବଂ ଡାକ୍ତରଖାନାରେ ଲାଗିଥିବା ଅଗ୍ନିଶମ ବ୍ୟବସ୍ଥାକୁ ସୂଚାରୁ ରୂପେ ବ୍ୟବହାର କରିବାକୁ ନେଇ ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା ।

# ପାଇପ ଲାଇନ ବିଛାକୁ ସରପଞ୍ଚ ଓ ଦୋକାନୀଙ୍କ ବିରୋଧ

**କୁତ୍ରା, ୧୭।୫(ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରା ୧୦ ନମ୍ବର ରାଜ୍ୟରାଜପଥ ଦେଇ ଯାଉଥିବା ମେଗା ଜଳ ଯୋଗାଣର ପାଇପ ଲାଇନ ବିଛାରେ ପାତରଅନ୍ତର ନୀତି ଅବଲମ୍ବନ କରୁଥିବାରୁ କୁତ୍ରା ସରପଞ୍ଚ ଓ ଗ୍ରାମବାସୀ ପାଇପ ଲାଇନ ବିଛାକୁ ବିରୋଧ କରିଛନ୍ତି। କୁତ୍ରା ବ୍ଲକ ଦେଇଯାଇଥିବା ଶଙ୍ଖ ନଦୀରୁ ପାଣି ଉଠାଇ କୁତ୍ରା ଅଞ୍ଚଳରେ ପାଣି ଯୋଗାଣ ପାଇଁ ଏକ ମେଗା ଯୋଜନା ସରକାର ହାତକୁ ନେଇଛନ୍ତି। ଏହି କାର୍ଯ୍ୟ ପାଇଁ କୁତ୍ରା ଅଞ୍ଚଳରେ ପାଇପ ବିଛା କାର୍ଯ୍ୟ ଚାଲୁଛି। କୁତ୍ରା ବସଷ୍ଟାଣ୍ଡର ଏକ ପାର୍ଶ୍ୱରେ ପାଖାପାଖି ୨୦୦ମିଟରରେ ଉଠା ଦୋକାନୀମାନେ ଦୋକାନ କରି ରହିଛନ୍ତି। କିଛି ଦୋକାନୀ ସ୍ଥାୟୀ ଭାବରେ ଘର କରି ଦୋକାନ ଚଳାଉଛନ୍ତି। ହେଲେ ପାଇପଲାଇନ ବିଛାଗଲାବେଳେ



ସରପଞ୍ଚ ଓ ଅନ୍ୟମାନେ ପାଇପ ବିଛା କାମକୁ ବିରୋଧ କରୁଛନ୍ତି।

ଠିକାଦାର ୧୦୦ମିଟରରେ ଥିବା ଦୋକାନ ଘର ଭାଙ୍ଗି ପାଇପ ଲାଇନ ବିଛାଉଥିବାବେଳେ କୁତ୍ରାକୁ ପଶିବାକୁ ଥିବା ରାସ୍ତାର ଅନ୍ୟପଟେ ଥିବା ୧୦୦ମିଟର ଦୋକାନ ଘରର ପଛପଟୁ ପାଇପ ଲାଇନ ବିଛେଇବାର ଯୋଜନା କରୁଥିବାରୁ ଏହାକୁ କୁତ୍ରା ସରପଞ୍ଚ ଲଳିତା ବରୁଆ ଓ ଗ୍ରାମବାସୀ ବିରୋଧ କରିଛନ୍ତି। କାହା ସାର୍ଥକୁ ନେଇ ଠିକାଦାର ପାଇପ ଲାଇନକୁ ସିଧା ନ ନେଇ ଅଙ୍କବଙ୍କା କରି ଦୋକାନଘର ପଛପଟୁ ନେଉଥିବାକୁ ନେଇ ଗ୍ରାମବାସୀମାନେ ପ୍ରଶ୍ନ କରିଛନ୍ତି। ପ୍ରକାଶ ଥାଉ ଯେ କୁତ୍ରା ବସଷ୍ଟାଣ୍ଡର ଉଭୟ ପଟେ ଦୋକାନୀମାନେ ବେଆଇନ ଭାବରେ ଜବରଦସ୍ତ କରି ଘର ତିଆରି କରିଥିବାରୁ ଦୁର୍ଘଟଣା ଘଟି ବହୁତ ଧନଜୀବନ ନଷ୍ଟ ହେବାରେ ଲାଗିଛି। ଏଣୁ ଗ୍ରାମବାସୀ ଉଭୟ ପାର୍ଶ୍ୱର ଦୋକାନଘରକୁ ଭାଙ୍ଗି ଦେବା ପାଇଁ ବିଭିନ୍ନ ସମୟରେ ପ୍ରଶାସନ ପାଖରେ ଦାବି କରୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏବେ ପାଇପ ଲାଇନ ଯିବା ସମୟରେ ମଧ ଦୋକାନ ପଛପଟୁ ପାଇପ ନେବାକୁ ନେଇ ବିଭାଗର ପଦକ୍ଷେପକୁ ଗ୍ରାମବାସୀ ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି। ଏ ବାବଦରେ କାର୍ଯ୍ୟସ୍ଥଳରେ ଉପସ୍ଥିତ ଥିବା ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ଏଲଣ୍ଟି କର୍ତ୍ତୃପକ୍ଷ ଓ ଦାୟିତ୍ୱରେ ଥିବା ପିଡବ୍ଲୁଡି ଅଧିକାରୀ ଯାହା ନିର୍ଦ୍ଦେଶ ଦେଇଛନ୍ତି ତାହା ଆମେ ପାଳନ କରୁଛୁ ବୋଲି ଉତ୍ତର ଦେଇଥିଲେ। ବିରୋଧ ସମୟରେ କୁତ୍ରା ସରପଞ୍ଚ ଲଳିତା ବରୁଆ ଓ ଅତିରିକ୍ତ ତହସିଲଦାର ହାବିଲ ଖାଖା ଘଟଣା ସ୍ଥଳରେ ଉପସ୍ଥିତ ରହି ଲୋକଙ୍କ କଥା ବୁଝିଥିଲେ। ମଙ୍ଗଳବାର ଏକ ବୈଠକ କରି ଏହାର ସମାଧାନ କରାଯିବ ବୋଲି ଅଧିକାରୀଙ୍କଠାରୁ ଜାଣିବାକୁ ମିଳିଛି।


| | | | | | | |
|---|---|---|---|---|---|---|
| 16 | 8 | 2038 | 0.22 | 0.16 | ଶାରଦ-୨ | ଅଜିତ କୁମାର ବେହେରା, ପି: ଶ୍ରୀଧର ବେହେରା, ଜା: ଖଣ୍ଡାୟତ |
| 17 | 588 | 2042 | 0.30 | 0.04 | ଶାରଦ-୨ | ଶଚୀନ୍ଦ୍ର ପାତ୍ର, ବାଞ୍ଛାନିଧି ପାତ୍ର, ପି: ଉପେନ୍ଦ୍ର ପାତ୍ର ଓଗେର, ଜା: ରାଜୁ |
| 18 | 693 | 2043 | 0.49 | 0.27 | ଶାରଦ-୨ | ଭଗବାନ ପାତ୍ର, ପି: ବନ୍ଧୁ ପାତ୍ର, ଜା: ରାଜୁ (ବିବି ପ୍ଲଟ) |
| 19 | 498 | 2044 | 0.56 | 0.10 | ଶାରଦ-୨ | ମୁରଲୀ ପାତ୍ର, ପି: ବୈଦ୍ୟନାଥ ପାତ୍ର, ଜା: ତେଲି |
| 20 | 33 | 1392 | 0.04 | 0.007 | ଶାରଦ-୨ | ଅଭିଳାଷ ଦଳେଇ, ରାଖାଲ ଦଳେଇ, ଅଭୟ ଦଳେଇ, ଗୁଣାଧର ଦଳେଇ, ପି: ଖଗେନ୍ଦ୍ର ଦଳେଇ ଓଗେର, ଜା: ଦଣ୍ଡଛତ୍ର ମାଝୀ |
| 21 | 691/ 72 | 1350/ 2363 | 0.35 | 0.25 | ଶାରଦ-୨ | ନିତ୍ୟାନନ୍ଦ ପାତ୍ର, ପରମାନନ୍ଦ ପାତ୍ର, ଲକ୍ଷ୍ମୀକାନ୍ତ ପାତ୍ର, ପି: ମୁରଲୀଧର ପାତ୍ର, ଜା: ଏକାଦଶ ତେଲି |
| | | 1351/ 2364 | 0.13 | 0.03 | ଶାରଦ-୨ | |
| 22 | 691/ 204 | 2038/ 2512 | | 0.03 | ଶାରଦ-୨ | ଦୁଲାଲ ଚନ୍ଦ୍ର ଘଡ଼େଇ, ପି: ମାଗୁଣୀଚରଣ ଘଡ଼େଇ, ଜା: ଖଣ୍ଡାୟତ |
| 23 | 691/9 | 1363/ 2289 | 0.18 | 0.07 | ଶାରଦ-୨ | ଫକୀରମୋହନ ଦତ୍ତ, ପି: ଜଗବନ୍ଧୁ ଦତ୍ତ, ଜା: ରାଜୁ |
| | | 1362/ 2288 | 0.10 | 0.03 | ଶାରଦ-୨ | |
| 24 | 691/ 135 | 1354 | 0.70 | 0.31 | ଶାରଦ-୨ | ଜଗନ୍ନାଥ ପିଳା, ପି: ହରେକୃଷ୍ଣ ପିଳା, ଜା: ଖଣ୍ଡାୟତ |
| 25 | 208 | 1352/ 2144 | 0.35 | 0.02 | ଶାରଦ-୨ | ଯୋଗେଶ ପ୍ରଧାନ, ପି: ଉପେନ୍ଦ୍ର ପ୍ରଧାନ, ଜା: ରାଜୁ |
| 26 | 691/ 338 | 2035/ 2681 | 0.03 | 0.03 | ଶାରଦ-୨ | ଅକ୍ଷୟକୁମାର ସାହୁ, ପି: ନୀଳକଣ୍ଠ ସାହୁ, ଜା: ରାଜୁ |
| 27 | 691/ 208 | 2037/ 2515 | 0.10 | 0.02 | ଶାରଦ-୨ | ରମେଶଚନ୍ଦ୍ର ପାତ୍ର, ପି: ମଙ୍ଗୁଳୀଚରଣ ପାତ୍ର, ଜା: ଏକାଦଶ ତେଲି |
| 28 | 61 | 2031 | 0.64 | 0.02 | ଶାରଦ-୨ | ଏକାଦଶୀ ଖିଲାର, ପି: ଫକୀର ଖିଲାର, ଜା: ଗଉଡ଼ |
| 29 | 691/ 41 | 2053 | 0.27 | 0.01 | ଶାରଦ-୨ | ଗୌରହରୀ ପାତ୍ର, ରମେଶ ପାତ୍ର, ପି: ମଙ୍ଗୁଳି ପାତ୍ର, ଜା: ଏକାଦଶ ତେଲି |
| | | | | 3.967 | | |

ସ୍ୱା./- ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ ଗୃହ) ବିଭାଜନ-୨, ବାଲେଶ୍ୱର
OIPR-34078/14/0005/2122

**ଖଡ଼ିଆଳରେ ଅକ୍ସିଜେନ ବ୍ୟାଙ୍କ ଉଦ୍‌ଘାଟିତ**

ଖଡ଼ିଆଳ,(ଡି.ଏନ.ଏ.) : ନୂଆପଡ଼ା ଜିଲା ଖଡ଼ିଆଳରେ ଜୁହାର ଫାଉଣ୍ଡେଶନ ମୁମ୍ବାଇ ଏବଂ ଖଡ଼ିଆଳ ମୁକ୍ତ ବିଚାର ମଞ୍ଚ ପକ୍ଷରୁ ଅକ୍ସିଜେନ ବ୍ୟାଙ୍କ ଆରମ୍ଭ କରାଯାଇଛି। ଏହି ବ୍ୟାଙ୍କକୁ ଆନୁଷ୍ଠାନିକ ଭାବେ ନୂଆପଡ଼ା ଏସ୍‌ପି ରାହୁଲ କୁମାର ଜୈନ ଉଦ୍‌ଘାଟନ କରିଛନ୍ତି। ୧୦ଟି ସିଲିଣ୍ଡର ସାହାଯ୍ୟରେ ଆରମ୍ଭ ହୋଇଥିବା ବ୍ୟାଙ୍କରେ ସିଲିଣ୍ଡର ସଂଖ୍ୟା ବୃଦ୍ଧି କରିବା ପାଇଁ ମୁକ୍ତ ବିଚାର ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ଖଡ଼ିଆଳ ଏସ୍‌ଡିପିଓ ସନ୍ତକ ଜେନା, ମୁକ୍ତ ବିଚାର ମଞ୍ଚର ଆବାହକ ଶ୍ରୀକାନ୍ତ ଚାଟାର୍ଜୀ, ଅଜିତ ପଣ୍ଡା, ଲୋହିତକ୍ଷ ଯୋଶୀ, ବଜରଙ୍ଗ ଅଗ୍ରୱାଲ, ସୁଶାନ୍ତ ବିଶି, ପବିତ୍ର ପ୍ରଧାନ, ଡକ୍ଟର ସିଦ୍ଧାର୍ଥ ଶଙ୍କର ମହାପାତ୍ର ଏବଂ ଅନେକ ସଦସ୍ୟ ଉପସ୍ଥିତ ରହିଥିଲେ।



## ସଂକ୍ଷେପରେ

### କରୋନା ସଚେତନତା କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୧୭।୫:** କୋଭିଡ୍ ଜନିତ ମୃତ୍ୟୁସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ପ୍ରତିହତ କରିବା ପାଇଁ ସଚେତନତା ହିଁ ମୁଖ୍ୟ ଆୟୁଧ। ଉତାଲଗଡ଼ ସୃଜନ ଓ ପରବାରୀ କୁଟମ ଆୟୋଜିତ କବିର୍ କଲମେ କରୋନା ଚର୍ଚ୍ଚାରେ ଅତିଥିବୃନ୍ଦ ଏହା ମତବ୍ୟକ୍ତ କରିଛନ୍ତି। ଅଧ୍ୟାପକ ସୁଶାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡା. ରାମକୃଷ୍ଣ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗ ଦେଇ କୋଭିଡ୍ ମୁକାବିଲା ପାଇଁ ଗର୍ଭବତୀ ଓ ପ୍ରସୂତୀ ମହିଳାଙ୍କ ସମେତ ଜନସାଧାରଣଙ୍କ ସଚେତନତା ଉପରେ ବାର୍ତ୍ତା ପ୍ରଦାନ କରିଥିଲେ। ବରଗଡ଼ ସଂକଳ୍ପ ପରିବାରର ବିକାଶ ଅଗ୍ରୱାଲ ଅନ୍ୟତମ ଅତିଥି ଭାବେ ଯୋଗଦେଇ କୋଭିଡ୍ କାଳରେ ନିଜ ଅନୁଭୂତି ମାଧ୍ୟମରେ ସଚେତନ କରିଥିଲେ। କବି ସୁଶୀଲ ମିଶ୍ର, ରାମପ୍ରସାଦ ବାଗ, ମୁନିରାମ କୁମ୍ଭାର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଡଃ ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ଓ ଉମାକାନ୍ତ ଭୋଇ ପରିଚୟ ପ୍ରଦାନ କରିଥିଲେ।

### ଟାଇମ୍ସ ସ୍କୁଲ ର୍‍ୟାଙ୍କିଙ୍ଗରେ ବିକାଶ ଶ୍ରେଷ୍ଠ

**ବରଗଡ଼ ଅଫିସ୍,୧୭।୫:** ଚଳିତବର୍ଷ ଟାଇମ୍ସ ସ୍କୁଲ ର୍‍ୟାଙ୍କିଙ୍ଗ ସର୍ଭେ ଓଡ଼ିଶା-୨୦୨୧ ଦ୍ୱାରା ହୋଇଥିବା ସର୍ଭେରେ ରାଜ୍ୟର ଶ୍ରେଷ୍ଠ ୧୦ଟି ଶିକ୍ଷାନୁଷ୍ଠାନ ମଧ୍ୟରୁ ବରଗଡ଼ର ବିକାଶ ରେସିଡେନ୍ସିଆଲ ସ୍କୁଲ ପଶ୍ଚିମ ଓଡ଼ିଶାରେ କ୍ରମାଗତ ଦ୍ୱିତୀୟଥର ପାଇଁ ଶ୍ରେଷ୍ଠ ବିବେଚିତ ହୋଇଥିବା ସ୍କୁଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସେହିପରି ରାଜ୍ୟରେ ଉକ୍ତ ସ୍କୁଲ ତୃତୀୟ ସ୍ଥାନରେ ରହିଛି। ଭୁବନେଶ୍ୱରସ୍ଥିତ ବିକାଶ ରେସିଡେନ୍ସିଆଲ ସ୍କୁଲ ଅଷ୍ଟମ ସ୍ଥାନରେ ରହିଛି। ସେହପରି ସମ୍ବଲପୁରର ବିକାଶ ଦି କନସେପ୍ଟ ସ୍କୁଲ ପଶ୍ଚିମ ଓଡ଼ିଶାରେ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ସଫଳତା ପାଇଁ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରିଷ୍ଣା ସ୍କୁଲର ଉଚ୍ଚମାନର ଶିକ୍ଷା ପ୍ରଣାଳୀ, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକଙ୍କୁ ଶ୍ରେୟ ଦେଇଛନ୍ତି। ଏହି ସର୍ଭେରେ ବିଦ୍ୟାଳୟ ଗୁଡ଼ିକର ଶିକ୍ଷକ, ପୂର୍ବତନ ଛାତ୍ରୀଛାତ୍ର, ଅଭିଭାବକଙ୍କ ଦ୍ୱାରା ବିଦ୍ୟାଳୟ ରେଟିଂ ନିଆଯିବା ସହିତ ପ୍ରଥମ ୧୦ଟି ବିଦ୍ୟାଳୟର ର୍‍ୟାଙ୍କିଙ୍ଗ ପ୍ରକାଶିତ ହୋଇଛି।

### କରୋନାରେ ମନ୍ଦିର ପୂଜକଙ୍କ ମୃତ୍ୟୁ

**ରିଷିଡ଼ା, ୧୭।୫ (ଡି.ଏନ.ଏ.):** କଳାହାଣ୍ଡି ଜିଲା ରିଷିଡ଼ା ନିକଟସ୍ଥ ତେରେସିଂହା ଶ୍ରୀଜଗନ୍ନାଥ ମନ୍ଦିରର ପୂଜକ କିଶୋର ପାଣ୍ଡିଆ (୬୨)ଙ୍କ କରୋନାରେ ମୃତ୍ୟୁ ଘଟିଛି। କାମଠଣାସ୍ଥିତ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

### ମାସ୍କ ଚେକିଂ, ଜରିମାନା ଆଦାୟ

**ରିଷିଡ଼ା, ୧୭।୫ (ଡି.ଏନ.ଏ.):** କଳାହାଣ୍ଡି ଜିଲା ରିଷିଡ଼ା ପୋଲିସ ପକ୍ଷରୁ ମାସ୍କ ଚେକିଂ କରାଯାଇ ଅମାନିଆଙ୍କଠାରୁ ପ୍ରାୟ ୩୫ଶହ ଟଙ୍କା ଆଦାୟ କରାଯାଇଛି। ପୋଲିସ ଏଏସଆଇ କ୍ଷୀରସିନ୍ଧୁ ମାଝି ଏହାର ନେତୃତ୍ୱ ନେଇଥିଲେ। ରିଷିଡ଼ା ଅଞ୍ଚଳରେ ଶଟ୍‌ଡାଉନ ସହିତ ସପ୍ତାହାନ୍ତ ଶନିବାର ଓ ରବିବାର ଶଟ୍‌ଡାଉନକୁ କଡ଼ାକଡ଼ି କରାଯାଇଛି।

### ମେଡିକାଲ ବର୍ଜ୍ୟ ପାଣି ଡ୍ରେନ୍‌ରେ ଛାଡିବାକୁ ବିରୋଧ

**ବଲାଙ୍ଗୀର ଅଫିସ, ୧୭।୫:** ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଓଡିଶା ପଶ୍ଚିମ ପ୍ରାନ୍ତୀୟ ବୈଠକରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଡାକ୍ତରଖାନାରୁ ବାହାରୁଥିବା ବର୍ଜ୍ୟ ପାଣି ସୁଦପଡା ଦେଇ ଯାଇଥିବା ଡ୍ରେନ୍‌ରେ ପକାଯିବାକୁ ବିରୋଧ କରାଯାଇଛି। ଏ ସମ୍ପର୍କରେ ଗତ ୨୦୨୦ ଅଗଷ୍ଟ ମାସରୁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ରବିବାର ସନ୍ଧ୍ୟାରେ ଭର୍ଚୁଆଲ ମୋଡରେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ପ୍ରାନ୍ତୀୟ ବୈଠକ ରାଜ୍ୟ ସଭାପତି ରାଧାମାଧବ ବହିଦାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବଭାରତୀୟ ପୂର୍ବ କ୍ଷେତ୍ରର ସଙ୍ଗଠନ ମନ୍ତ୍ରୀ ରାମଚନ୍ଦ୍ର ସ୍ୱାଇଁ, ପ୍ରାନ୍ତୀୟ ଉପସଭାପତି ଶଶିଭୂଷଣ ପୁରୋହିତ, ରାଜ୍ୟ ସଙ୍ଗଠନ ସମ୍ପାଦକ ବଦ୍ରି ନାରାୟଣ ମହାରଣା, ସାଧାରଣ ସମ୍ପାଦକ ମାଣିକଲାଲ ବର୍ମାଙ୍କ ସମେତ ପଶ୍ଚିମ ଓଡିଶାର ୧୪ଟି ଜିଲାର କର୍ମକର୍ତ୍ତା ଯୋଗ ଦେଇଥିଲେ। ବଲାଙ୍ଗୀର ଜିଲା ସଭାପତି ଗୋପବନ୍ଧୁ ଶତପଥୀ ଜିଲା ବିବରଣୀ ଉପସ୍ଥାପନ କରିଥିଲେ। ଇଂ. କିଶୋର ମୋହନ ମିଶ୍ର, ଉପସଭାପତି ମହେଶ୍ୱର ସାହୁ ଅଂଶଗ୍ରହଣ କରିଥିଲେ।

# ମଦ ଦୋକାନ ଖୋଲିବାକୁ ବିରୋଧ

**ନୂଆପଡ଼ା ଅଫିସ,୧୭।୫**

ନୂଆପଡା ସଦର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ଏକତା ଛକଠାରୁ ରେଲୱେ ଷ୍ଟେଶନ ରାସ୍ତା ମଝିରେ ସାଲେଭଟା ୱାର୍ଡ ନଂ. ୮ର ପ୍ରସ୍ତାବିତ ବିଦେଶୀ ମଦ ଦୋକାନ

**ମହିଳାମାନେ ଜିଲାପାଳଙ୍କ ଦ୍ୱାରସ୍ଥ**

ଖୋଲିବାକୁ ବିରୋଧ କରାଯାଇଛି। ସୋମବାର ନୂଆପଡା ବିଧାୟକ ରାଜେନ୍ଦ୍ର କୁମାର ଡୋଲକିଆଙ୍କ ନେତୃତ୍ୱରେ ଜିଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଷୀ, ଜିଲା ବିଜେଡି ଛାତ୍ର ସଭାପତି ହରିଶ୍ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାରରେ ଏନଏସି ୱାର୍ଡ ନଂ. ୮ ସାଲେଭଟା ଗାଁର ଶତାଧିକ ମହିଳା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ତୁରନ୍ତ ପ୍ରସ୍ତାବିତ ମଦ ଦୋକାନକୁ ସ୍ଥାନାନ୍ତର କରା ନ ଗଲେ ଆନ୍ଦୋଳନକୁ ଓହ୍ଲାଇ ରାଜରାସ୍ତା ଅବରୋଧ କରିବୁ ବୋଲି ସାଲେଭଟା ଗାଁର


ସାଲେଭଟା ଗାଁର ମହିଳାମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

ମହିଳାମାନେ ଜିଲା ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଜିଲାପାଳ ସ୍ୱାଧାଦେବ ସିଂ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ପରେ ବିକ୍ଷୋଭରୁ ମହିଳାମାନେ ଓହରିଥିଲେ। ଚଳିତବର୍ଷ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲାରେ ବିଦେଶୀ ମଦ ଦୋକାନ ଖୋଲିବାକୁ ଟେଣ୍ଡର ପ୍ରକ୍ରିୟା ହୋଇଥିଲା। ଏଥିରେ ସଦର ଏନଏସି ପାଇଁ ନୂଆ ମାଲିକ ଟେଣ୍ଡର ପାଇଥିଲେ। ସେ ଏକତା ଛକଠାରୁ ରେଲୱେ ଷ୍ଟେଶନ ରାସ୍ତା ମଝି ସାଲେଭଟା ୱାର୍ଡ ନଂ. ୮ ନେହେରୁ ଯୁବକେନ୍ଦ୍ର ଓ ମେଡିକାଲ ଷ୍ଟୋର ମଝିରେ ନୂତନ ବିଦେଶି ମଦ ଦୋକାନ ଖୋଲିବାକୁ ଯୋଜନା କରିଛନ୍ତି। ଏହାକୁ ସାଲେଭଟା ଗାଁ ଲୋକେ ବିରୋଧ କରିଛନ୍ତି। ପ୍ରସ୍ତାବିତ ବିଦେଶୀ ମଦ ଦୋକାନ ଚାରି ପାର୍ଶରେ ଲୋକେ ବହୁ ପୂର୍ବରୁ ବାସ କରୁଛନ୍ତି। ସେଠାରେ ମଦ ଦୋକାନ ଖୋଲିଲେ, ସେଠାକାର ପରିବାର ପ୍ରତି ଅପ୍ରୀତିକର ପରିବେଶ ସୃଷ୍ଟି ହେବ। ଏହାର ଅନତି ଦୂରରେ ନେହେରୁ ଯୁବକେନ୍ଦ୍ର, ଜିଲା ମୁଖ୍ୟ କାର୍ଯ୍ୟାଳୟ, ନର୍ସିଂହୋମ, କ୍ଲିନିକ, ଔଷଧାଳୟକୁ ଯିବା ଆସିବା କରୁଥିବା ଗର୍ଭବତୀ, ରୋଗୀମାନଙ୍କ ପ୍ରତି ଅଶାନ୍ତିର ବାତାବରଣ ସୃଷ୍ଟି ହେବ ବୋଲି ମହିଳାମନେ ଅଭିଯୋଗ କରିଛନ୍ତି। ସେହିପରି ବସଷ୍ଟାଣ୍ଡରୁ ରେଲୱେ ଷ୍ଟେଶନ ମଝିରେ ରହିଥିବାରୁ ସବୁବେଳେ ଲୋକଙ୍କ ଯିବାଆସବା ରହୁଛି। ଏହି ସବୁ ବିଷୟକୁ ଗମ୍ଭିରତା ସହ ହୃଦୟଙ୍ଗମ କରି ବିଦେଶୀ ମଦ ଦୋକାନ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି କରିଛନ୍ତି।

# ନିଃଶୁଳ୍କ ଅକ୍ସିଜେନ୍ ସିଲିଣ୍ଡର ସେବା

**ସୋନପୁର,୧୭।୫(ନି.ପ୍ର.)**

ସୁବର୍ଣ୍ଣପୁର ମାରୱାଡି ଯୁବାମଞ୍ଚ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ କରୋନା ରୋଗୀଙ୍କ ସକାଶେ ନିଃଶୁଳ୍କ ଅକ୍ସିଜେନ୍ ସିଲିଣ୍ଡର ଯୋଗାଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଗ୍ରସେନ ଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମହାମାରୀ ସମୟରେ ମାରୱାଡି ଯୁବାମଞ୍ଚର ଏଭଳି ସେବାମୂଳକ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ପ୍ରଶଂସା କରିଥିଲେ। କୋଭିଡ୍ ନିୟମାନୁସାରେ ସାମାଜିକ ଦୂରତ୍ୱ ଅବଲମ୍ବନ କରି ୮ ମହିଳାଙ୍କ ସମେତ ମୋଟ ୩୦ ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ସେହିପରି ୬ଟି ଅକ୍ସିଜେନ୍ ସିଲିଣ୍ଡର ସେବାର ମଧ ଶୁଭାରମ୍ଭ ହୋଇଥିଲା। ସହର ଓ ଆଖପାଖ ଅଞ୍ଚଳର କରୋନା ସଂକ୍ରମିତଙ୍କୁ ଯୁବାମଞ୍ଚ ପକ୍ଷରୁ ମାଗଣାରେ ଏହି ସୁବିଧା ଯୋଗାଇ ଦିଆଯିବ। ଜିଲା ଯୁବ ରେଡକ୍ରସ ସଂଯୋଜକ ଅଧ୍ୟାପକ ଉମାକାନ୍ତ ନାଗ ଓ ଜିଲା ରକ୍ତଦାତା ସଂଘ ସଭାପତି ମନୋଜ ପଣ୍ଡାଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ମାରୱାଡି ଯୁବାମଞ୍ଚ ସଭାପତି ମନୋଜ ଅଗ୍ରୱାଲ, ସମ୍ପାଦକ ଅମିତ ଅଗ୍ରୱାଲ, ରକ୍ତ ସଂଯୋଜକ ବିଜୟ ଅଗ୍ରୱାଲ, ଯୁବା ଅମ୍ଳଯାନ ସଂଯୋଜକ ନନ୍ଦ କିଶୋର କମାଣି, ଶ୍ରୀୟା ଅଗ୍ରୱାଲ, ରିଧି ଅଗ୍ରୱାଲ, ଆରତୀ ଅଗ୍ରୱାଲ, ତନିସା ଅଗ୍ରୱାଲା, ଅଶୋକ ଭୁତ, ଆନନ୍ଦ ଭୁତ, ସଞ୍ଜୀବ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।


ସୁବର୍ଣ୍ଣପୁରରେ ଅକ୍ସିଜେନ୍ ସିଲିଣ୍ଡର ସେବାର ଶୁଭାରମ୍ଭ କରାଯାଉଛି।

# ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ଦାବି

**ଜୁନାଗଡ, ୧୭।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ୧୦ ନଂ. ୱାର୍ଡ ନୂଆବସଷ୍ଟାଣ୍ଡ ନିକଟରେ ଏକ ନୂତନ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଖୋଲାକୁ ନେଇ ବିବାଦ ଦେଖାଦେଇଛି। ଏହି ମଦ ଦୋକାନ ସହର ଭିତର ୨୬ ନମ୍ବର ଜାତୀୟ ରାଜପଥ ନିକଟରେ ହେଉଥିବାବେଳେ ଏହାର ପାଖରେ ଜୁନାଗଡର ଆରାଧ୍ୟ ଦେବୀ ମା' ଲଙ୍କେଶ୍ୱରୀଙ୍କ ମନ୍ଦିର ଓ ସର୍ବପୁରାତନ ସରକାରୀ ଉଚ୍ଚ ବିଦ୍ୟାଳୟ ରହିଛି। ଏହାକୁ ଜୁନାଗଡ ମହିଳା ସଂଘ ପକ୍ଷରୁ ବିରୋଧ କରାଯାଇଛି। ଏହାକୁ ସହର ବାହାରେ ସ୍ଥାନାନ୍ତରିତ କରିବା ପାଇଁ ମହିଳା ସଂଘ ପକ୍ଷରୁ ଦାବି କରାଯାଇଛି। ଏ ନେଇ ମହିଳା ସଂଘ ପକ୍ଷରୁ ସଭାନେତ୍ରୀ ବିଜୟା ଲକ୍ଷ୍ମୀ କନ୍ଦପାନ, ମନୋରମା ମହାଲିକ ପ୍ରମୁଖ ସୋମବାର ଜିଲା ଅବକାରୀ ଅଧୀକ୍ଷକ ଡମ୍ବରୁଧର ଖଣ୍ଡାଙ୍କୁ ସାକ୍ଷାତ କରି ଏ ବିଷୟରେ ଏକ ଲିଖିତ ଅଭିଯାଗ କରାଯାଇଛି। ସେହିପରି ଏହାର ଏକ ନକଳ କଳାହାଣ୍ଡି ଜିଲାପାଳଙ୍କୁ ପ୍ରେରଣ କରାଯାଇଛି। ଯଦି ମଦ ଦୋକାନକୁ ସ୍ଥାନାନ୍ତରିତ କରା ନ ଗଲେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଘଟଣାର ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି ଜିଲା ଅବକାରୀ ଅଧୀକ୍ଷକ ଖଣ୍ଡା ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ପୂର୍ବରୁ ମଧ ଏଠାରେ ଏକ ଠିପିବନ୍ଦ ବିଦେଶୀ ମଦ ଦୋକାନ ରହିଥିଲା। ଏହାକୁ ସ୍ଥାନାନ୍ତର କରିବାକୁ ଜୁନାଗଡବାସୀ ତଥା ବିଭିନ୍ନ ସଂଘ ପକ୍ଷରୁ ଦାବି କରାଯାଉଥିଲା। କିନ୍ତୁ ପ୍ରଶାସନ ତଥା ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ନ ଥିଲେ। ଗତ ମାସକ ତଳେ ସରକାର ଠିପି ବନ୍ଦ ବିଦେଶୀ ମଦ ଦୋକାନଗୁଡିକର ନୂତନ ଟେଣ୍ଡର ପ୍ରକ୍ରିୟା ଲଟେରି ମାଧମରେ କରିଥିଲେ। ଜୁନାଗଡ ପାଇଁ ଜଣେ ବ୍ୟକ୍ତି ପାଇବା ପରେ ପୂର୍ବରୁ ମଦ ଦୋକାନ ଥିବା ଜାଗାରେ ପୁଣି ଏହାକୁ ଖୋଲିବା ପାଇଁ ସଜବାଜ ହେଉଥିବା ଜଣାପଡିଛି।

# କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଭୂଗୋଳ ବିଭାଗ ପକ୍ଷରୁ ପାଠଚକ୍ର

**ଭବାନୀପାଟଣା, ୧୭।୫ (ଡି.ଏନ.ଏ.)**

କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ଭୁଗୋଳ ସ୍ନାତକୋତ୍ତର ବିଭାଗର ୨୦୨୦-୨୦୨୧ ଶିକ୍ଷା ବର୍ଷ ପାଇଁ କୁଳପତି ପ୍ରଫେସର ଡକ୍ଟର ସଞ୍ଜୟ କୁମାର ଶତପଥୀଙ୍କ ତତ୍ତ୍ୱାବଧାନ ଏବଂ ବିଭାଗୀୟ ମୁଖ୍ୟ ବିପିନ କୁମାର ବେହେରାଙ୍କ ଉଦ୍ୟମରେ ଏକ ଅନ୍‌ଲାଇନ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ପରିବେଶ ଓ ସାମାଜିକ ସମ୍ବନ୍ଧୀୟ ପ୍ରଭାବର ମୂଲ୍ୟ ନିର୍ଦ୍ଧାରଣ ଶିର୍ଷକକୁ ନେଇ ଏହା ଆୟୋଜିତ ହୋଇଥିଲା। ବିଶ୍ୱବିଦ୍ୟାଳୟ କୁଳସଚିବ ପଦ୍ମଲୋଚନ ଭୁଏ ସ୍ୱାଗତ ଭାଷଣ ଦେଇଥିଲେ। ଭୂଗୋଳ ସ୍ନାତକୋତ୍ତର ବିଭାଗର ଡ. ମନୋଜ ମେହେର ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଭୂଗୋଳ ବିଭାଗ ମୁଖ୍ୟ ପ୍ରଫେସର ଡ. କୃଷ୍ଣଚନ୍ଦ୍ର ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପୂର୍ବତନ ଅଧ୍ୟକ୍ଷ ତଥା ପୂର୍ବତନ ଭୂଗୋଳ ବିଭାଗର ମୁଖ୍ୟ ପ୍ରଦୀପ ମହାପାତ୍ର ପରିବେଶ ସମ୍ବନ୍ଧିୟ ପ୍ରଭାବ ଓ କେତେକ ଗବେଷଣା ଜନିତ ତଥ୍ୟ ଉଦାହରଣ ମାଧ୍ୟମରେ ଦେଇଥିଲେ। ପୂର୍ବତନ ଭୂଗୋଳ ବିଭାଗ ମୁଖ୍ୟ ଡ. ଅଜୟ କୁମାର ମିଶ୍ର କଳାହାଣ୍ଡିର ହାତୀନଦୀକୁ ନେଇ ଉପସ୍ଥାପନା କରିଥିଲେ। ବିଭାଗୀୟ ମୁଖ୍ୟ ବେହେରା ଧନ୍ୟବାଦ ଦେଇଥିଲେ। କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗ ବିଭାଗୀୟ ମୁଖ୍ୟ ଅଖିଳ ଚନ୍ଦ୍ର ନାୟକ, ଇଂଲିଶ ବିଭାଗ ବିଭାଗୀୟ ମୁଖ୍ୟ ତଥା ଉପକୁଳ ସଚିବ କ୍ୟାପଟେନ ଡ. ଜୟଦେବ ସାହୁ, ରାଜନୀତି ବିଜ୍ଞାନର ମହେଶ୍ୱର ଦୁରିଆ, ସରକାରୀ ମହିଳା ମହାବିଦ୍ୟାଳୟର ଭୁଗୋଳ ବିଭାଗ ବିଭାଗୀୟ ମୁଖ୍ୟ ଚିତ୍ତରଞ୍ଜନ ମହାପାତ୍ର ଓ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗୀୟ ମୁଖ୍ୟ ଏବଂ କର୍ମଚାରୀ ଯୋଗଦେଇଥିଲେ।

# ବଣିକ ସଂଘର 'କରୋନା ହେଲ୍‌ପ ଡେସ୍କ' ଲୋକାର୍ପଣ

**ଭବାନୀପାଟଣା, ୧୭।୫ (ଡି.ଏନ.ଏ.)**

କୋଭିଡ୍ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇବା ପାଇଁ କଳାହାଣ୍ଡି ବଣିକ ସଂଘ ପକ୍ଷରୁ 'କରୋନା ହେଲ୍‌ପ ଡେସ୍କ' ଲୋକାର୍ପଣ କରାଯାଇଛି। ହୋମକ୍ୱାରେଣ୍ଟାଇନରେ ଥିବା କରୋନା ସଂକ୍ରମିତଙ୍କୁ ବିନା ମୂଲ୍ୟରେ ଅକ୍ସିଜେନଠାରୁ ଆରମ୍ଭ କରି ଅକ୍ସିମିଟର, ଇନଫ୍ରାରେଡ ଥର୍ମୋମିଟର, ମାସ୍କ, ଫେସ୍ ସିଲ୍‌ଡ ଯୋଗାଇ ଦିଆଯିବ। ଏଥିପାଇଁ ଭବାନୀପାଟଣା କଳାହାଣ୍ଡି ଲେଖକ କଳା ପରିଷଦ ନିକଟରେ 'କରୋନା ହେଲପ ଡେସ୍କ' ଖୋଲାଯାଇଛି। ଘରେ ରହି ଚିକିତ୍ସିତ ହେଉଥିବା ସଂକ୍ରମିତଙ୍କୁ ଉକ୍ତ ସମସ୍ତ ଜରୁରୀ ଉପକରଣ ଯୋଗାଇ ଦେବା ବ୍ୟତୀତ ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ କିଛି ଷ୍ଟାଫ ନର୍ସଙ୍କୁ ମଧ ନ୍ୟସ୍ତ କରାଯାଇଥିବା ବଣିକ ସଂଘ ସଭାପତି ବିଜୟ ସାହୁ ପ୍ରକାଶ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରତାପ ବେହେରା ଏହି ଡେସ୍କକୁ ରବିବାର ଲୋକାର୍ପଣ କରିଛନ୍ତି। ଏଭଳି ସେବା ଭାବନା ଅନନ୍ୟ ଓ ଏହା ନିଶ୍ଚିତ ଭାବେ କରୋନା ରୋଗୀଙ୍କୁ ବହୁ ମାତ୍ରାରେ ସୁବିଧା ଯୋଗାଇ ଦେବ। ଜିଲାରେ ଥିବା ଅନ୍ୟ ସଙ୍ଗଠନ ମଧ ଆଗକୁ ଆସି କରୋନା ସଂକ୍ରମିତଙ୍କୁ ଏଭଳି ସାହାଯ୍ୟ କଲେ, କରୋନା ମହାମାରୀକୁ ଯଥାଶୀଘ୍ର ପ୍ରତିହତ କରିହେବ ବୋଲି ଡା. ବେହେରା କହିଛନ୍ତି।

# ଶ୍ମଶାନରେ ପଡ଼ିଛି ବ୍ୟବହୃତ ପିପିଇ କିଟ୍

**ବରପାଲି,୧୭।୫(ଡି.ଏନ.ଏ)**

ବରଗଡ଼ ଜିଲାରେ କୋଭିଡ୍ ପରିଚାଳନାରେ ନାନା ଅବ୍ୟବସ୍ଥା ପରିଲକ୍ଷିତ ହୋଇଛି। ସୋମବାର ବରପାଲିରେ ଏଭଳି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ସ୍ଥାନୀୟ ଶ୍ମଶାନରେ ଶବଦାହ କରାଯାଇଥିବା ବେଳେ ସେଠାରେ ପିପିଇ କିଟ୍‌କୁ ପୋଡ଼ା ନ ଯାଇ ପକାଇ ଦିଆଯାଇଛି। ଫଳରେ ସେଭଳି ବ୍ୟବହୃତ ପିପିଇ କିଟ୍‌ରୁ ସଂକ୍ରମଣ ବଢ଼ିବା ଆଶଙ୍କା ରହିଛି। ଏ ସମ୍ପର୍କରେ ଜାଣିବା ପାଇଁ ବରପାଲି ପୌର ନିର୍ବାହୀ ଅଧିକାରୀ ପ୍ରମୋଦ ମେହେରଙ୍କୁ ତାଙ୍କ ମୋବାଇଲ ନଂ-୯୪୩୭୫୪୧୨୫୪ରେ ଯୋଗାଯୋଗ କରାଯାଇଥିଲା। ମାତ୍ର ସେ ଫୋନକଲ୍ ରିସିଭ୍ ନ କରିବା ଯୋଗୁ ତାଙ୍କ ମତାମତ ମିଳିପାରିନାହିଁ। ପ୍ରକାଶ ଯେ, କରୋନା କାଳରେ ଶବଦାହ ପାଇଁ ସରକାର ସ୍ୱତନ୍ତ୍ର ଗାଇଡ୍ ଲାଇନ୍ ଜାରି କରିଛନ୍ତି। ଶବ ସଂସ୍କାରବେଳେ କମ୍ ଲୋକଙ୍କ ଉପସ୍ଥିତି ସହିତ ସାମାଜିକ ଦୂରତା ରଖିବା ଏବଂ ପିପିଇ କିଟ୍ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଶବଦାହ ପରେ ବ୍ୟବହୃତ ପିପିଇ କିଟ୍, ଗ୍ଲୋଭ୍‌ସକୁ ନଷ୍ଟ କରିଦେବା କଥା। ଏହାସହିତ ଶବଦାହ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ପୌର ପ୍ରଶାସନକୁ ମଧ୍ୟ ସ୍ୱତନ୍ତ୍ର ନିର୍ଦ୍ଦେଶ ରହିଛି। ଶବଦାହ ପାଇଁ ସ୍ୱତନ୍ତ୍ର କର୍ମଚାରୀ ନିୟୋଜନ, କାଠ, ଶବ ପରିବହନ, ଶବଦାୟରେ ନିୟୋଜିତ କର୍ମଚାରୀଙ୍କୁ ସେମାନଙ୍କ ପାରିଶ୍ରମିକ ବାବଦକୁ ସରକାର ପ୍ରତି ଶବଦାହ ପାଇଁ ପୌର ପ୍ରଶାସନକୁ ୭୫୦୦ ଟଙ୍କା ଲେଖାଏଁ ଯୋଗାଇ ଦେଉଛନ୍ତି। ମାତ୍ର ବରପାଲି ବିଜ୍ଞାପିତ ଅଞ୍ଚଳ ପରିଷଦରେ ସେଭଳି ଅବ୍ୟବସ୍ଥା ପଦାକୁ ଆସିବା ପରେ ଶବଦାହରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ପଦାରେ ପଡ଼ିଛି।


ବରପାଲି ଶ୍ମଶାନ ନିକଟରେ ପଡ଼ିଥିବା ବ୍ୟବହୃତ ପିପିଇ କିଟ୍ ।

### ଅବସରପ୍ରାପ୍ତ ସହଶିକ୍ଷା ନିରୀକ୍ଷକଙ୍କ ପରଲୋକ

**ରିଷିଡ଼ା, ୧୭।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ତେରେସିଂହାର ଅବସରପ୍ରାପ୍ତ ସହଶିକ୍ଷା ନିରୀକ୍ଷକ ଟଙ୍କଧର ଗହୀର (୭୨)ଙ୍କ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁର ୭ଦିନ ପୂର୍ବରୁ ତାଙ୍କ ସ୍ତ୍ରୀଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁରେ ସେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

**CORRIGENDUM TO TENDER CALL NOTICE NO. 01 DATED 28.01.2021 OF PANCHAYAT SAMITI, DARINGBADI, KANDHAMAL**

With reference to this Office Tender Call Notice No. 01 dated 28.04.2021, the conditions written in Tender book may please be read as follows.

**Sl. No. 06**- Bid document shall be dropped in the tender box placed in the Office chamber of BDO, Daringbadi on or before 1.00 PM of date 25.05.2021 instead of date 17.05.2021.

**Sl. No. 07**- Bids received shall be opened at 2.00 PM of date 25.05.2021 instead of 1.00 PM of date 17.05.2021.

All other conditions will remain unchanged.

**Sd./- Block Development Officer, Daringbadi**

**TPWODL**

**ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍**

କର୍ପୋରେଟ୍ କାର୍ଯ୍ୟାଳୟ, ବୁର୍ଲା, ଜିଲ୍ଲା: ସମ୍ବଲପୁର, ଓଡ଼ିଶା- ୭୬୮୦୧୭

**ନୋଟିସ**

ମାନ୍ୟବର ଓଇଆର୍‌ସି ତାଙ୍କର ତା୨୬।୦୩।୨୦୨୧ରିଖର ଆଦେଶ ସଂଖ୍ୟା ଓଇଆର୍‌ସି/ଇଏନ୍‌ଜିକି./୨/୨୦୨୧/୪୦୯ ମାଧ୍ୟମରେ ଟିପିଡବ୍ଲ୍ୟୁଓଡିଏଲ୍ ପାଇଁ ପ୍ରଯୁଜ୍ୟ ନୂଆ ଲାଇସେନ୍ସିଂ ସର୍ତ୍ତାବଳୀକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ସବିଶେଷ ଲାଇସେନ୍ସିଂ ସର୍ତ୍ତାବଳୀ ଆମ ୱେବ୍‌ସାଇଟ୍ www.tpwesternodisha.comରେ ଉପଲବ୍ଧ । ଏହାର ଏକ ନକଲ ଟିପିଡବ୍ଲ୍ୟୁଓଡିଏଲ୍ କର୍ପୋରେଟ୍ କାର୍ଯ୍ୟାଳୟରୁ ଫଟୋକପି ଶୁଳ୍କ ବାବଦରେ ଟ.୫୦/– ପୈଠ କରାଯାଇ ମଧ ହାସଲ କରାଯାଇପାରିବ ।

**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଡବ୍ଲ୍ୟୁଓଡିଏଲ୍**

**ODISHA JOINT ENTRANCE EXAMINATION - 2021 (OJEE - 2021)**

**No. OJEE/183** **Date: 14.05.2021**

**NOTICE REGARDING EXTENSION OF LAST DATE OF APPLICATION**

No. h-04: In view of the lockdown declared by the Govt. to check the spread of COVID -19 (coronavirus), it is hereby announced **that the last date for submission of online application forms for all the courses under OJEE 2021 is extended up to 15.06.2021 and last date for fee payment up to 17.06.2021**.

The detailed schedule regarding revised dates of downloading of Admit Cards and of the Examination will be notified in due course of time, on assessment of the situation after 15.06.2021 only.

Thus, all concerned are advised not to be unduly worried, but to abide, for the time being, by all the preventive measures laid down, from time to time, by various Govt. Agencies to check the spread of coronavirus, and visit the official websites of OJEE regularly for updated information.

**Sd./- CHAIRMAN,**
**OJEE, Odisha**

OIPR-14020/11/0003/2122

# ସୁବର୍ଣ୍ଣପୁରରେ ଧାନ ସଂଗ୍ରହ ଆରମ୍ଭ

**ସୋନପୁର/ବିନିକା,୧୭।୫**
**(ନି.ପ୍ର./ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲାରେ ରବି ଧାନ ସଂଗ୍ରହ ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ବିନିକା ମାର୍କେଟ୍ ୟାର୍ଡରେ ମା ତୁଳସୀ ସ୍ୱୟଂ ସହାୟକ ଗୋଷ୍ଠୀ ୨ଜଣ ଚାଷୀଙ୍କଠାରୁ ୨୫୯.୯୭ କୁଇଣ୍ଟାଲ ଧାନ କିଣିଛି। ମଣ୍ଡିରେ ଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠି. ପ୍ୟାକ୍ସର କର୍ମକର୍ତ୍ତା ଓ ସରକାରୀ କର୍ମଚାରୀ ସମସ୍ତେ ମାସ୍କ ପିନ୍ଧିଥିଲେ। ସାମାଜିକ ଦୂରତା ଅବଲମ୍ବନ ସହ ସାନିଟାଇଜର ଓ ସାବୁନ୍ ବ୍ୟବସ୍ଥା କରାଯାଇଥିଲା। ବିନିକା ବିଡିଓ ବ୍ୟାସଦେବ ବେହେରା, ତହସିଲଦାର ଅଲେଖ ଘୁଟା, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ସୁବୋଧ ହୋତା, ସହକାରୀ ଜିଲା ଯୋଗାଣ ଅଧିକାରୀ ତ୍ରିନାଥ ଭୋଇ, ସୋନପୁର ସମବାୟ ଉପନିବନ୍ଧକ ପାଣ୍ଡୁ ଚରଣ ସାହୁ, ଯୋଗାଣ ନିରୀକ୍ଷକ ରାଜକିଶୋର ସ୍ୱାଇଁ, ଡୁଙ୍ଗୁରିପାଲି ଆରଏମସି ସମ୍ପାଦକ ଉଦିତ କୁମାର ବାବୁ, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ କାର୍ତ୍ତିକ ନାୟକ, ଅକ୍ଷୟ କୁମାର ମେହେର ଓ ବିନିକା ପ୍ୟାକ୍ସ ସମ୍ପାଦକ ପ୍ରମୋଦ କୁମାର ନାୟକ ପ୍ରମୁଖ ଧାନକ୍ରୟର ଶୁଭାରମ୍ଭ ସମୟରେ ଉପସ୍ଥିତ ଥିଲେ। ନିର୍ଦ୍ଧାରିତ ସମୟରେ ସକାଳୁ ଜିଲାର ଧାନ ସଂଗ୍ରହ କେନ୍ଦ୍ର ଗୁଡିକ ଖୋଲା ଯାଇଥିଲା। କିନ୍ତୁ ଟୋକନ୍ ଆସି ନଥିବା, ଚାଷୀ ଧାନ ନ ଆଣିବା ଓ କିଛି ସ୍ଥାନରେ ମିଲର୍ସ ନ ଆସିବା କାରଣରୁ ସମସ୍ତ କେନ୍ଦ୍ରରେ ଧାନ କିଣା ଯାଇପାରିନି। ସୁବର୍ଣ୍ଣପୁର ଜିଲାରେ ୩୦ ହଜାର ଚାଷୀ ରବି ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ୫୮ଟି ପ୍ୟାକ୍ସ ଓ ୩୨ଟି ଏସ୍‌ଏଚ୍‌ଜିଙ୍କ ଜରିଆରେ ଯୋଗାଣ ନିଗମ ଚାଷୀଙ୍କ ନିକଟରୁ ଧାନ କିଣିବ।

ସେହିପରି ସିଁଘିଯୁବା ସେବା ସମବାୟ ସମିତିରେ ଆବଶ୍ୟକ ପୂଜାର୍ଚ୍ଚନା ପରେ ଧାନମଣ୍ଡିର ଶୁଭାରମ୍ଭ କରିଥିଲେ ବିନିକା ପଞ୍ଚାୟତ ସମିତି ଅଧକ୍ଷ ଅଶୋକ ନନ୍ଦ। ପ୍ୟାକ୍ସ ସଭାପତି ମନୋଜ ସାହୁ, ସିଂଘିଯୁବା ପଞ୍ଚାୟତ ସରପଞ୍ଚ ମହାବୀର ବରିହା, ସାମାଜିକ କର୍ମୀ ଆଶିଷ ରଞ୍ଜନ ଦାଶ ଏହି ଅବସରରେ ଉପସ୍ଥିତ ଥିଲେ।


ବିନିକା ମାର୍କେଟ୍ ୟାର୍ଡରେ ଚାଷୀଙ୍କ ଧାନ କିଣାଯାଉଛି।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୮ ମେ, ୨୦୨୧



## ୬ ବର୍ଷ ପରେ ବି ଖୋଲୁନି ପ୍ରାଣୀ ସହାୟକ କେନ୍ଦ୍ର

ବାଉଁଶୁଣୀ (ଡି.ଏନ.ଏ.): ବୌଦ୍ଧ ବ୍ଲକ ତେଲିବନ୍ଧ ଛକ ନିକଟରେ ଥିବା ପ୍ରାଣୀଧନ ସହାୟକ କେନ୍ଦ୍ରରେ ଗତ ୬ ବର୍ଷ ହେଲା ତାଲା ଝୁଲୁଛି । ପ୍ରାଣୀ ଚିକିତ୍ସକ ନିଯୁକ୍ତ ହୋଇ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ଫଳରେ ତେଲିବନ୍ଧ ପଞ୍ଚାୟତର ଧୁଡୁରୁବାହାଲ, କାସଲପୁର, ତେଲିବନ୍ଧ, ରାମପୁର, କମ୍ପରା, ସାପଦୋହଲି, କୌଡିଆତୋଳା, ପୋଡବଲସ, ଗୌତମପାଲି ଅଞ୍ଚଳର ଜନସାଧାରଣଙ୍କୁ ପଶୁ ପକ୍ଷୀଙ୍କ ଚିକିତ୍ସା ପାଇଁ ବାଧ ହୋଇ ୪ କି.ମି . ଦୂର ଜହ୍ନାପଙ୍କ କିମ୍ବା ସାହାଜପାଲ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ଯିବାକୁ ପଡୁଛି । ଯଥାଶୀଘ୍ର ତେଲିବନ୍ଧ ଠାରେ ପ୍ରାଣୀ ଚିକିତ୍ସକ ନିଯୁକ୍ତି କରିବା ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି ।

**ସଂକ୍ଷେପରେ**

### ସଂରକ୍ଷିତ ଜଙ୍ଗଲରୁ ମିଳିଲା ଝୁଲନ୍ତା ମୃତଦେହ

**କଣ୍ଟାବାଞ୍ଜି, ୧୭।୫(ଡି.ଏନ.ଏ.) :** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଛତରଦାଣ୍ଡି ସଂରକ୍ଷିତ ଜଙ୍ଗଲ ରତାଖଣ୍ଡି ଯୋର ନିକଟ ଏକ ଗଛରୁ ସୋମବାର ତୁରେକେଲା ଥାନା ପୋଲିସ ଏକ ଝୁଲନ୍ତା ମୃତଦେହ ଜବତ କରିଛି । ମୃତକ ଜଣକ ବଙ୍ଗୋମୁଣ୍ଡା ଥାନା ଅଧୀନ ବେଲପଡା ଗାଁର କେଶବ ମେହେର (୫୮)। କଣ୍ଟାବାଞ୍ଜି ଏସଡିପିଓ ସରୋଜ କୁମାର ମହାପାତ୍ର, ଆଇଆଇସି କମଲ କିଶୋର ବେହେରା ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ପରେ ପୋଲିସ ମୃତଦେହକୁ କଣ୍ଟାବାଞ୍ଜି ଡାକ୍ତରଖାନାରେ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି । ମୃତକଙ୍କ ପୁଅ ମେଘନାଥ ମେହେରଙ୍କ ଅଭିଯୋଗକ୍ରମେ ଦଫା ୩୦୨, ୩୦୧ରେ ଏକ ମାମଲା(ନଂ. ୭୫/୨୧) ରୁଜୁ କରି ପୋଲିସ ତନାଘନା ଚଳାଇଛି।

### କରୋନା ସ୍ଥିତି ପରଖିଲେ ଉପଜିଲାପାଳ

**ଦେଓଗାଁ,୧୭।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ସୋମବାର କରୋନା ସ୍ଥିତିର ସମୀକ୍ଷା କରିଛନ୍ତି ଉପଜିଲାପାଳ ଲମ୍ବୋଦର ଧରୁଆ। ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ତହସିଲଦାର ଚନ୍ଦ୍ରମଣି ନାଗ, ବିଡିଓ ମୂରଲୀଧର ନାଏକ, ଏବିଡିଓ ରୁଦ୍ର ପ୍ରସାଦ ସୁନା ପ୍ରମୁଖଙ୍କ ସହ ବ୍ଲକରେ କରୋନା ସ୍ଥିତି ଓ ପ୍ରଶାସନିକ ପଦକ୍ଷେପ ଉପରେ ଅବଗତ ହୋଇଥିଲେ । ସମସ୍ତ କର୍ମଚାରୀ ଏହି ମାହାମାରୀ ବିରୋଧରେ ଜନସଚେତନା ସୃଷ୍ଟି କଲେ ଯାଇ ସଂକ୍ରମଣ ନିୟନ୍ତ୍ରଣକୁ ଆସିବ ବୋଲି ସେ ପରାମର୍ଶ ଦେଇଥିଲେ । ପରେ ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହ ସ୍ୱାବ ନମୂନା ସଂଗ୍ରହ ସ୍ଥାନରେ ବିଭିନ୍ନ ଗାଁରୁ ଟେଷ୍ଟ ପାଇଁ ଆସିଥିବା ଲୋକଙ୍କୁ କରୋନା କଟକଣାକୁ ପାଳନ କରିବା ପାଇଁ ନିବେଦନ କରିଥିଲେ । ଏଥିସହ ଟିକାକରଣ କେନ୍ଦ୍ରରେ ଟିକାକରଣ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ପରେ ଚର୍ଚ୍ଚପଡାକୁ ଯାଇ କରୋନା ସ୍ଥିତି ଅନୁଧ୍ୟାନ କରିଥିଲେ ।

### ଔଷଧ ବ୍ୟବସାୟୀଙ୍କୁ ଟିକାକରଣ ଦାବି

**ବୌଦ୍ଧ,୧୭।୫(ସ୍ୱ.ପ୍ର):** କରୋନା ମହାମାରୀ ସମୟରେ ଦିନରାତି ଔଷଧ ଦୋକାନ ଖୋଲିବାକୁ ସରକାର ଅନୁମତି ପ୍ରଦାନ କରିଛନ୍ତି। ଔଷଧ ବ୍ୟବସାୟୀମାନେ ନିଜ ଜୀବନକୁ ବିପନ୍ନ କରି ଲୋକଙ୍କୁ ସେବା ଯୋଗାଇ ଆସୁଛନ୍ତି। ପ୍ରତ୍ୟେକ ଔଷଧ ବ୍ୟବସାୟୀ ଦୈନିକ ବିଭିନ୍ନ ପ୍ରକାର ରୋଗୀଙ୍କ ସଂସ୍ପର୍ଶରେ ଆସୁଥିବାରୁ ସହଜରେ ସଂକ୍ରମିତ ହେବାର ଆଶଙ୍କା ରହିଛି। ଅନ୍ୟ ଲୋକଙ୍କ ଅପେକ୍ଷା ଔଷଧ ବ୍ୟବସାୟୀମାନେ ଦୋକାନମାନଙ୍କରେ କୋଭିଡ ନିୟମ ପାଳନ ଦିଗରେ ଅଧିକ ସଚେତନ ରହିଥାନ୍ତି। କିନ୍ତୁ ଜିଲାରେ କୋଭିଡ ମହାମାରୀ ଯେଭଳି ତାର କାୟା ବିସ୍ତାର କରିଚାଲିଛି ସବୁସ୍ତରରେ ଏହାକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି। ଜଣେ ଔଷଧ ବ୍ୟବସାୟୀ ଯଦି ସଂକ୍ରମଣର ଶିକାର ହୁଅନ୍ତି ତେବେ ସେ ସହଜରେ ସୁପର ସ୍ପ୍ରେଡର ହେବା ସମ୍ଭାବନା ସବୁଠାରୁ ଅଧିକ ରହିଛି। ତେଣୁ ପ୍ରତିଦିନ ରୋଗୀଙ୍କ ସଂସ୍ପର୍ଶରେ ଆସୁଥିବା ଔଷଧ ବ୍ୟବସାୟୀମାନଙ୍କୁ ତୁରନ୍ତ ଅଗ୍ରାଧିକାର ଭିତ୍ତିରେ ସରକାର ଟିକାକରଣ କରିବାକୁ ମତପ୍ରକାଶ ପାଉଛି।

# ପ୍ରକଳ୍ପ ଥାଇ ବି ମିଳୁନି ପାଣି

**ବସୁଧା ଯୋଜନା ଲକ୍ଷ୍ୟଚ୍ୟୁତ**

**ବରଗଡ଼ ଅଫିସ,୧୭।୫**




କାର୍ଯ୍ୟକ୍ଷମ ହୋଇ ନ ଥିବା ଓଭରହେଡ୍ ଟାଙ୍କି । ପାନୀୟଜଳ ଯୋଗାଣ ପାଇଁ ନିର୍ମିତ ଷ୍ଟାଣ୍ଡପୋଷ୍ଟ ।

ଗ୍ରାମାଞ୍ଚଳରେ ପାନୀୟ ଜଳାଭାବକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବସୁଧା ଯୋଜନା ଆରମ୍ଭ ହୋଇଛି। ମାତ୍ର ପ୍ରଶାସନିକ ଏବଂ ରାଜନୈତିକ ଉଦାସୀନତା ଯୋଗୁ କେତେକାଞ୍ଚଳରେ ଏହି ଯୋଜନା ଲକ୍ଷ୍ୟଚ୍ୟୁତ ହୋଇପଡ଼ିଛି। ବରଗଡ଼ ଜିଲା ଭେଡ଼େନ ବ୍ଲକ ମହୁଲପାଲି ପଞ୍ଚାୟତ ଅଫିସ ପରିସରରେ ମହୁଲପାଲି ଓ କେଶ୍ରୀପାଲି ଗ୍ରାମକୁ ପାନୀୟଜଳ ଯୋଗାଣ ପାଇଁ ପ୍ରାୟ ୨ବର୍ଷ ତଳୁ ଓଭରହେଡ୍ ଟାଙ୍କି ନିର୍ମାଣ ହୋଇଛି । ଗ୍ରାମରେ ପାଇପ୍ ବିଛା ହୋଇ ବିଭିନ୍ନ ସ୍ଥାନରେ ଷ୍ଟାଣ୍ଡପୋଷ୍ଟ ନିର୍ମିତ ହୋଇସାରିଛି। କିନ୍ତୁ ଏପର୍ଯ୍ୟନ୍ତ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିନାହିଁ । ଫଳରେ ଗ୍ରାମବାସୀଙ୍କୁ ଜଳକଷ୍ଟ ଭୋଗିବାକୁ ପଡୁଛି ।

ମହୁଲପାଲି ଗ୍ରାମ ୩ ଏବଂ କେଶ୍ରୀପାଲି ଗ୍ରାମ ଗୋଟିଏ ୱାର୍ଡକୁ ନେଇ ଗଠିତ। ମହୁଲପାଲି ଗ୍ରାମରେ ୩ହଜାର ଏବଂ କେଶ୍ରୀପାଲିର ୫୦୦ରୁ ଅଧିକ ଲୋକ ବସବାସ କରନ୍ତି। ପାନୀୟ ଜଳାଭାବ ଏହି ଗ୍ରାମର ମୁଖ୍ୟ ସମସ୍ୟା ହୋଇ ପଡ଼ିଛି। ଗ୍ରାମରେ ଥିବା ଜଳାଶୟଗୁଡିକର ଜଳସ୍ତର ହ୍ରାସ ପାଉଥିବାରୁ ଖରାଦିନେ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ସେହିପରି ମହୁଲପାଲି ଗ୍ରାମରେ ୬ଟି ନଳକୂପ ଥିବାବେଳେ ୩ଟି ଅଚଳ ହୋଇପଡ଼ିଛି। ଅନ୍ୟ ୩ଟିରୁ ପର୍ଯ୍ୟାପ୍ତ ପାଣି ବାହାରୁ ନ ଥିବା ଗ୍ରାମବାସୀ କହିଛନ୍ତି । ଅନୁରୂପଭାବେ କେଶ୍ରୀପାଲି ଗ୍ରାମରେ ୨ଟି ନଳକୂପ ଗ୍ରାମବାସୀଙ୍କ ଆବଶ୍ୟକତା ପୂରଣ କରିପାରୁନାହିଁ। ଫଳରେ ଗ୍ରାମବାସୀଙ୍କୁ ପାନୀୟଜଳ ଟୋପାଏ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ।

ମହୁଲପାଲି ଗ୍ରାମର ବିଜୟ କର୍ମୀ କହିଛନ୍ତି, ବସୁଧା ଯୋଜନାରେ ପାନୀୟଜଳ ପ୍ରକଳ୍ପ ନିର୍ମାଣ ଆରମ୍ଭ ହେବା ପରେ ଗ୍ରାମରେ ଆଉ ପିଇବାପାଣି ସମସ୍ୟା ଦେଖାଯିବ ନାହିଁ ବୋଲି ଭାବିଥିଲୁ। କିନ୍ତୁ ୨ବର୍ଷ ହେଲା ତାହା କାର୍ଯ୍ୟକ୍ଷମ ହେଉନାହିଁ। ତେଣୁ ଲୋକେ ଦୂଷିତ ପାଣି ବ୍ୟବହାର କରି ଜଣ୍ଡିସ୍‌ରେ ଆକ୍ରାନ୍ତ ହେଉଥିବା ସେ କହିଛନ୍ତି। ଗ୍ରାମର କୃପାସିନ୍ଧୁ ପ୍ରଧାନ କୁହନ୍ତି, ପାନୀୟଜଳ ପ୍ରକଳ୍ପ କାମ ଅଧାପନ୍ତରିଆ ରହିଥିବାରୁ ପାଣି ପାଇଁ ଲୋକଙ୍କୁ ହଟହଟା ହେବାକୁ ପଡୁଛି। ଏହି ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକ୍ଷମ କରା ନ ଗଲେ ଆଗକୁ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ ବୋଲି ସେ କହିଛନ୍ତି। ସ୍ଥାନୀୟ ୱାର୍ଡସଭ୍ୟ ଲୋକନାଥ ଷଣ୍ଢଙ୍କୁ ପଚାରିବାରୁ ପାଣି ପାଇଁ ବହୁତ ଗୁଳଗୁଳା ହେବାକୁ ପଡୁଛି ବୋଲି ସେ କହିଥିଲେ। ଖରାଦିନେ ଏହି ସମସ୍ୟା ଉତ୍କଟ ହେଉଥିବାରୁ ପଡ଼ାଠାରୁ ପ୍ରାୟ ଦେଢ଼ ଦୁଇ କି.ମି ଦୂରରେ ଥିବା ନଳକୂଅକୁ ପାଣି ପାଇଁ ଯିବାକୁ ପଡୁଛି ବୋଲି ସେ କହିଥିଲେ । ଏ ସମ୍ପର୍କରେ ଜାଣିବା ପାଇଁ ସ୍ଥାନୀୟ ସରପଞ୍ଚ ପିଙ୍କି ବଢ଼େଇଙ୍କ ସହିତ ଯୋଗାଯୋଗ କରିଥିଲୁ ମାତ୍ର ସମ୍ଭବ ହୋଇ ନ ଥିଲା । ମହୁଲପାଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ରବି ମେହେରଙ୍କୁ ପଚାରିବାରୁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ସଂସ୍ଥା (ଆରଡବ୍ଲ୍ୟୁଏସ୍ଏସ୍) ପକ୍ଷରୁ ସେହି କାମ ଚାଲିଛି ବୋଲି ସେ କହିଥିଲେ ।

## ସଚେତନତା ଅଭାବରୁ ଗୋଷ୍ଠୀ ସଂକ୍ରମଣ ଭୟ

**ବାଉଁଶୁଣୀ, ୧୭।୫(ଡି.ଏନ.ଏ.)**

କରୋନା ମହାମାରୀର ଦ୍ୱିତୀୟ ଲହର ଆସିବା ପରେ ବୌଦ୍ଧ ବ୍ଲକର ଗାଁ ଗାଁରେ ମାଡି ଚାଲିଛି ସଂକ୍ରମଣ । ଲୋକଙ୍କ ମଧ୍ୟରେ ସଚେତନତା ଅଭାବ ଓ ଅମାନିଆ ସ୍ୱଭାବ ଯୋଗୁ ବାଉଁଶୁଣୀ ଓ ତାର ଆଖାପାଖ ଅଞ୍ଚଳରେ କରୋନା ତାର କାୟା ବିସ୍ତାର କରି ଚାଲିଛି। ଏହାକୁ ରୋକିବାରେ ପ୍ରଶାସନର ଖାମଖିଆଲି ମନୋଭାବ ସଂକ୍ରମଣ ବୃଦ୍ଧିରେ ସହାୟକ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି।

ପ୍ରକାଶ ଯେ, କରୋନା ବିରୋଧୀ ଅଭିଯାନରେ ପ୍ରଶାସନ ଓ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି। ସଂକ୍ରମିତ ଚିହ୍ନଟ ହେବା ପରେ ସେମାନଙ୍କୁ କୋଭିଡ କେୟାର ସେଣ୍ଟରରେ କିମ୍ବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖା ନ ଯାଇ ଘରେ ରହିବାକୁ ପରାମର୍ଶ ଦେବା ମହଙ୍ଗା ପଡିଛି। ପଜିଟିଭ ଚିହ୍ନଟ ହୋଇଥିବା ଅନେକ ବ୍ୟକ୍ତି ବାହାରେ ବୁଲାବୁଲି କରୁଥିବାରୁ ସଂକ୍ରମଣ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଇଛି। ସେହିପରି ହୋମ ଆଇସୋଲେଶନରେ ଥିବା ବ୍ୟକ୍ତିଙ୍କ ଘର ଆଗରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ସୂଚନା ବା ଷ୍ଟିକର ଲଗାଯାଉ ନ ଥିବାରୁ ଗ୍ରାମରେ କାହାକୁ କରୋନା ହୋଇଛି ଗ୍ରାମବାସୀ ଜାଣି ପାରୁନାହାନ୍ତି। ବିବାହ ଓ ଶୁଦ୍ଧିକ୍ରିୟା ଆଦି ସାମାଜିକ କାର୍ଯ୍ୟରେ କମ୍ ଲୋକ ଯୋଗ ଦେବା ପାଇଁ ପ୍ରଶାସନ ଅନୁମତି ଦେଇଛି। ଅନେକ କ୍ଷେତ୍ରରେ ଶହ ଶହ ଲୋକଙ୍କର ସମାଗମ ହେଉଥିଲେ ମଧ୍ୟ ପ୍ରଶାସନ ତଦାରଖ କରୁ ନ ଥିବାରୁ ଏହା ସଂକ୍ରମଣର ଏକ ମାଧ୍ୟମ ହୋଇଛି। ସେହିପରି ବିଭିନ୍ନ ସ୍ଥାନରେ ବସୁଥିବା ସାପ୍ତାହିକ ବଜାର ବନ୍ଦ ପାଇଁ ପ୍ରଶାସନ ନିର୍ଦ୍ଦେଶ ଦେଇଛି। ସରପଞ୍ଚମାନଙ୍କ ଦାୟିତ୍ୱହୀନତା ଯୋଗୁ ବାଉଁଶୁଣୀ ସମେତ ପଦ୍ମନପୁର, ଖୁଣ୍ଟବନ୍ଧ, ତେଲିବନ୍ଧ, କମିରା, ମୁଣ୍ଡାପଡା, ଖଜୁରୀପଡ଼ା ଆଦି ଅଞ୍ଚଳରେ ସାପ୍ତାହିକ ହାଟ ଚାଲୁଥିବାରୁ ଗୋଷ୍ଠୀ ସଂକ୍ରମଣ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଅନ୍ୟପକ୍ଷରେ ସାପ୍ତାହିକ ଓ ଦୈନିକ ବଜାରରେ ଲୋକ ସାମାଜିକ ଦୂରତା ଓ ମାସ୍କ ପିନ୍ଧୁ ନ ଥିବା ଅଭିଯୋଗ ହେଉଛି। ଏଭଳି ପରିସ୍ଥିତିରେ ବୌଦ୍ଧ ବ୍ଲକ ଏବେ ଗୋଷ୍ଠୀ ସଂକ୍ରମଣ ଆଡ଼କୁ ମୁହାଁଉଛି।

## ବଢୁଛି ଚୋରି, ଥାନାଧିକାରୀଙ୍କୁ ଭେଟିଲା ବଣିକ ସଂଘ

**ଦେଓଗାଁ,୧୭।୫ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ନିକଟ ବସ୍‌ଷ୍ଟାଣ୍ଡରେ ଥିବା ଅଶୋକ କୁମାର ଅଗ୍ରୱାଲଙ୍କ ଅଟୋମୋବାଇଲ ଦୋକାନରୁ ରବିବାର ରାତିରେ ଚୋରି ହୋଇଛି । ଦୋକାନ ତାଲା ଭାଙ୍ଗି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ନେଇଛନ୍ତି। ସୋମବାର ସକାଳେ ଏହା ଜାଣିବା ପରେ ଅଶୋକ ଏ ନେଇ ଥାନାରେ ଅଭିଯୋଗ କରିଥିଲେ । ବାରମ୍ବାର ୨୬ନଂ ଜାତୀୟ ରାଜପଥପାର୍ଶ୍ୱ ଦୋକାନମାନଙ୍କରୁ ଚୋରି ହେଉଥିବା ବେଳେ ପୋଲିସ କୌଣସି ସୁରାକ ନପାଇବାକୁ ନେଇ ଅସନ୍ତୋଷ ପ୍ରକାଶ କରିଛି ଦେଓଗାଁ ବଣିକ ସଂଘ । ଏ ନେଇ ସଂଘ କର୍ମକର୍ତ୍ତା ଥାନାଧିକାରୀ ପ୍ରଭାତ ରଞ୍ଜନ ମାହାନ୍ତିଙ୍କୁ ସାକ୍ଷାତ କରି ତୁରନ୍ତ ଏ ଦିଗରେ ଦୃଢ଼ ପଦକ୍ଷେପ ନେବା ପାଇଁ କହିଛନ୍ତି ।

# ଶ୍ରମିକ ବଦଳରେ କାମ କରୁଛି ମେଶିନ

**ଲୋଇସିଂହା ବ୍ଲକରେ ଏମ୍‌ଜିଏନ୍‌ଆରଇଜିଏସ୍ ବାଟବଣା**

**ଲୋଇସିଂହା,୧୭।୫(ଡି.ଏନ.ଏ)**

ଗ୍ରାମାଞ୍ଚଳର ଜବକାର୍ଡଧାରୀ ଶ୍ରମିକଙ୍କୁ କାମ ଯୋଗାଇବା ପାଇଁ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟକାରୀ କରାଯାଇଛି। ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଏହା ଠିକ୍‌ଭାବେ କାର୍ଯ୍ୟକାରୀ ହେଉନାହିଁ। ଶ୍ରମିକଙ୍କୁ କାମ ମିଳୁ ନ ଥିବା ବେଳେ ମେଶିନରେ କାମ କରାଯାଉଛି। ବ୍ଲକ ଅନ୍ତର୍ଗତ ସରଗାଡ ପଞ୍ଚାୟତର ଠାକୁରପାଲି ଗାଁରୁ ଏପରି ଏକ ଅଭିଯୋଗ ଆସିଛି। ଗ୍ରାମରେ ଚାଲିଥିବା ଏମ୍‌ଜିଏନ୍‌ଆରଇଜିଏସ୍ କାମରେ ମେଶିନ ବ୍ୟବାହାର ହେଉଛି। ଏପରି ଅଭିଯୋଗ କରିଛନ୍ତି ଗାଁ ସାଥୀ ବିନ୍ଦୁ ବିଶ୍ୱାଳ। ଏପରକି ତାଙ୍କୁ ଅନ୍ଧାରରେ ରଖି ଠିକାଦାରଙ୍କ ଜରିଆରେ କାମ କରାଯାଉଛି ବୋଲି ସେ କହିଛନ୍ତି।

ଏକୱାର୍ଡ ବିଶିଷ୍ଟ ସରଗାଡ ପଞ୍ଚାୟତର ଠାକରପାଲି ଗାଁ । ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ କରିବା ପାଇଁ ଗ୍ରାମର ଦେଢଶହରୁ ଅଧିକ ଜବକାର୍ଡଧାରୀ ପଞ୍ଜୀକୃତ ହୋଇଛନ୍ତି। ଲୋଇସିଂହା ପଞ୍ଚାୟତ ସମିତି ଆନୁକୂଲ୍ୟରେ ସରଗାଡ ପଞ୍ଚାୟତ ଜରିଆରେ ଗ୍ରାମର ଅନ୍ତର ବିଶ୍ୱାଳ, ତ୍ରିନାଥ ବିଶ୍ୱାଳ, ନୀଳ ବିଶ୍ୱାଳ, ପଲାଉ ବିଶ୍ୱାଳ, ପବନ ବିଶ୍ୱାଳ, ଡିଙ୍ଗର ନାଏକ, ଅଭିମନ୍ୟୁ ନାଏକ, କୁଷୋ ନାଏକ ପ୍ରମୁଖ ଜମି ଉନ୍ନତୀକରଣ ପାଇଁ କାର୍ଯ୍ୟାଦେଶ ପାଇଛନ୍ତି। ହେଲେ ନିୟମର ଉଲ୍ଲଂଘନ କରି ଜେସିବିରେ କାମ କରାଯାଉଛି । ସେହିପରି ୭ଏକର ପରିମିତ ଗାଁର ସାଇକଟାଁ(ପୋଖରୀ)ର ପଙ୍କୋଦ୍ଧାର କରାଯାଇଛି । ସେଥିରେ ବି ମେଶିନ ବ୍ୟବହାର କରାଯାଇଥିଲା। କାମ ପୂର୍ବରୁ ସୂଚନା ଫଳକ ଲଗାଇବାର ନିୟମ ଥିଲେ ଏଠି ତାହା କରାଯାଇନାହିଁ। ଫଳରେ ପ୍ରକଳ୍ପ ନାମ, ଅନୁଦାନର ପରିମାଣ, କାର୍ଯ୍ୟ ଦିବସ ଆଦିବିଷୟରେ ଲୋକେ ଜାଣିପାରୁନାହାନ୍ତି। ସେହିପରି ଜଳଛାୟା ପ୍ରକଳ୍ପର ପକ୍ଷରୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ହେଉଥିବା ଚାଷୀ ଲବାର ନାଏକ, ପଲାଉ ବିଶ୍ୱାଳ, ଜ୍ଞାନ ଭୋଇ ଓ ପଞ୍ଚୁ ବିଶ୍ୱାଳଙ୍କ କ୍ଷେତରେ ଚହଲା ଖୋଲାରେ ମଧ୍ୟ ମେଶିନ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି । ପିଇଓ ସମାରୁ ଦଣ୍ଡସେନାଙ୍କୁ ପଚାରିବାରୁ ମେଶିନ ଲଗାଇ ଚହଲା କାମ କରାଯାଉଛି, ଜମି ଉନ୍ନତିକରଣ ନୁହେଁ। ପୁନଶ୍ଚ ଏହି କାମ ବ୍ଲକ କିମ୍ବା ପଞ୍ଚାୟତର କାମ ନୁହେଁ। ଏହା ଜଳଛାୟା ପ୍ରକଳ୍ପରୁ ହେଉଥିବା ସେ କହିଛନ୍ତି।

## ନୂଆପଡ଼ା: କମୁଛି କରୋନା ସଂକ୍ରମଣ

**ନୂଆପଡ଼ା ଅଫିସ,୧୭।୫**

ରାଜ୍ୟ ସରକାର ଲକ୍‌ଡାଉନ କରିବା ପରଠାରୁ ନୂଆପଡ଼ା ଜିଲାରେ ସଂକ୍ରମଣ ହାର କମିଛି। ଜିଲାରେ ନିରନ୍ତର ଭାବେ ସଂକ୍ରମଣ ହାର କମିବାରେ ଲାଗିଛି। ଘର ସଙ୍ଗରୋଧ ରହି ଚିକିତ୍ସିତ ହେଉଥିବା ଓ କୋଭିଡ୍ ସେଣ୍ଟରରେ ମଧ୍ୟ ରହି ଚିକିତ୍ସିତ ଆରୋଗ୍ୟ ସଂଖ୍ୟା ବଢିଛି। ସଂକ୍ରମଣ ହାର ବଢିବା ସାଙ୍ଗକୁ ଆରୋଗ୍ୟ ହାର ମଧ୍ୟ ବଢିବାରେ ଲାଗିଛି ବୋଲି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ସ୍ୱାଧାଦେବ ସିଂ ସୋମବାର ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇ କହିଛନ୍ତି। ଜିଲାପାଳ କହିଛନ୍ତି ଯେ, ଜିଲାରେ ଟେଷ୍ଟିଂ ସଂଖ୍ୟା ବଢାଯାଇଛି। ଜିଲା କୋଭିଡ୍ ହସ୍ପିଟାଲରେ ଆଇସିୟୁ ବେଡ ସଂଖ୍ୟା ୫ରୁ ୧୦କୁ ବୃଦ୍ଧି କରାଯାଇଛି। କୋଭିଡ୍ ହସ୍ପିଟାଲରେ ୫୦ ପ୍ରତିଶତ ବେଡ ସଂଖ୍ୟା ବଢାଯାଇଛି । ଅମ୍ଳଜାନ ମଧ୍ୟ ଅସୁବିଧା ନାହିଁ। ସବୁବେଳେ ମହଜୁଦ ରହିଛି। ଡାକ୍ତରୀ ଦଳ ମଧ୍ୟ ସଜାଗ ହୋଇ ରହିଛନ୍ତି। ଜିଲାରେ ଦିନକୁ ୧୫୦୦ ଟେଷ୍ଟ କରାଯାଉଛି ବୋଲି ଜିଲାପାଳ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଲୋକଙ୍କୁ ଘରେ ସେବା ଯୋଗାଇବ ରାଜସ୍ୱ ରଥ

**ବୌଦ୍ଧ,୧୭।୫(ସ୍ୱ.ପ୍ର)**

କରୋନା ମହାମାରୀ ସମୟରେ ସାଧାରଣ ଲୋକଙ୍କ ପାଇଁ ସରକାରୀ କାର୍ଯ୍ୟାଳୟ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ଫଳରେ ଜରୁରୀ କାର୍ଯ୍ୟ ପାଇଁ ଲୋକେ ହଇରାଣ ହେଉଛନ୍ତି। ଜିଲାପାଳଙ୍କ ପ୍ରତ୍ୟକ୍ଷ ଅଭିଯୋଗ ଶୁଣାଣିକୁ ସ୍ଥଗିତ ରଖାଯାଇଛି। ଆବେଦନକାରୀମାନେ ନିଜର ଅଭିଯୋଗକୁ ଲିଖିତ ଭାବେ ପ୍ରଦାନ କରିବା କିମ୍ବା ମେଲ ଜରିଆରେ ଦେବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଅଭିଯୋଗ ଗୁଡିକର ବିଚାର ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଜାରି କରାଯିବା ବ୍ୟବସ୍ଥା ହୋଇଛି। ସେହିପରି ବହୁ ସଂଖ୍ୟାରେ ଲୋକ ଜମିପଟ୍ଟା ପାଇବାକୁ ଅପେକ୍ଷା କରିଛନ୍ତି। ଏସବୁ ସମସ୍ୟାର ସମାଧାନ ସ୍ୱରୂପ ପ୍ରଶାସନ ପକ୍ଷରୁ ରାଜସ୍ୱ ରଥ ଜରିଆରେ ପଟ୍ଟାଦାରଙ୍କୁ ଘରେ ପଟ୍ଟା ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଏହି ଉପଲକ୍ଷେ ସୋମବାର ବୌଦ୍ଧ ତହସିଲ କାର୍ଯ୍ୟାଳୟ ସମ୍ମୁଖରୁ ରାଜସ୍ୱ ରଥକୁ ଅତିରିକ୍ତ ଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ଉପଜିଲାପାଳ ଅଶ୍ୱିନୀ କୁମାର ମେହେର ଓ ତହସିଲଦାର ସନତ କୁମାର ନାଏକ ସବୁଜ ପତାକା ଦେଖାଇ ଉଦଘାଟନ କରିଛନ୍ତି। ବୌଦ୍ଧ ତହସିଲ ପକ୍ଷରୁ ଏହି ରାଜସ୍ୱ ରଥ ଜରିଆରେ ୨୨ ଜଣଙ୍କୁ ସେମାନଙ୍କ ଘର ଓ ଜମିପଟ୍ଟା ପ୍ରଦାନ କରାଯିବାକୁ ବ୍ୟବସ୍ଥା କରାଯାଇଥିବା ତହସିଲଦାର ନାଏକ ସୂଚନା ଦେଇଛନ୍ତି।




ରାଜସ୍ୱ ରଥର ଶୁଭାରମ୍ଭ କରାଯାଉଛି।

# କୋଭିଡ୍ ସ୍ଥିତି ସୁଧାରିବା ପାଇଁ ୬ ଦଫା ଦାବିପତ୍ର

**ବଲାଙ୍ଗୀର ଅଫିସ, ୧୭।୫**



କଂଗ୍ରେସ ପ୍ରତିନିଧି ଦଳ ଜିଲାପାଳ ଚଞ୍ଚଳ ରାଣାଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ବଲାଙ୍ଗୀରରେ କୋଭିଡ ପରିଚାଳନାଗତ ଅବ୍ୟବସ୍ଥା ସୁଧାରିବା ଦାବି କରିଛି ନଗର କଂଗ୍ରେସ। ସୋମବାର ସଭାପତି ବୁଲୁ ଦାନୀ ଓ ଜିଲା କଂଗ୍ରେସ ଉପସଭାପତି ତଥା ବିଧାୟକଙ୍କ ସ୍ୱାସ୍ଥବିଭାଗ ପ୍ରତିନିଧି ମନୀଷ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ଚଞ୍ଚଳ ରାଣାଙ୍କୁ ସାକ୍ଷାତ୍ କରି ୬ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। କରୋନା ନିୟନ୍ତ୍ରଣ ପାଇଁ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ଘୋଷଣା କରିଥିଲା। କିନ୍ତୁ ବର୍ତ୍ତମାନ କୋଭିଡ ସ୍ଥିତିକୁ ଲକ୍ଷ୍ୟ କଲେ ଏହା ଫମ୍ପା ପ୍ରମାଣିତ ହେଉଛି । ପ୍ରଶାସନ ସଂକ୍ରମିତଙ୍କୁ ଅମ୍ଳଜାନଯୁକ୍ତ ଶଯ୍ୟା ମଧ ଯୋଗାଇ ପାରୁନାହିଁ । ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ, କିସ୍ ହସ୍ପିଟାଲରେ ଯଥାଶୀଘ୍ର ଆବଶ୍ୟକତା ଅନୁଯାୟୀ ଆଇସିୟୁ ଓଏଚଡିୟୁ ସଂଖ୍ୟା ବୃଦ୍ଧି, ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ ସିଲିଣ୍ଡର ବ୍ୟବସ୍ଥା, ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ସହ ସମସ୍ତ ପିଏଚସି ଓ ସିଏଚସିରେ ଡାକ୍ତର ନିଯୁକ୍ତି, ଘରେ ଚିକିତ୍ସିତ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା ବ୍ୟବସ୍ଥିତ କରିବା, ଘରକୁ ଯାଇ କରୋନା ପରୀକ୍ଷା ଓ କରୋନା ଟିକା ଦେବା ପାଇଁ ନଗର କଂଗ୍ରେସ ଦାବି କରିଛି । କଂଗ୍ରେସ ନେତା କୈଳାସ ମିଶ୍ର, ଛାତ୍ରନେତା ଅଙ୍କିତ ସାହୁ ଉପସ୍ଥିତ ଥିଲେ ।

## କରୋନା ସଚେତନତା କାର୍ଯ୍ୟକ୍ରମ

**ଦେଓଗାଁ,୧୭।୫(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପୂର୍ବରୁ କଣ୍ଟେନମେଣ୍ଟ ଜୋନରେ ଥିବା ମୁରସିଂର ବାଗପଡା, ନୁଆଁପାଲି ଓ ରୁଗୁଡିପାଲିରେ ମାସ୍କ ବଣ୍ଟନ କରାଯାଇଛି। ପୂର୍ବତନ ସରପଞ୍ଚ ଅନ୍ତର୍ଯାମୀ ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ବିଜୁ ଯୁବ ଜନତାଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ସଞ୍ଜୀବ ପଧାନ ପ୍ରମୁଖ ମୁରସିଂରେ ୮ଶହ ମାସ୍କ ବଣ୍ଟନ କରିଥିଲେ। ଉପରଝରର ପଞ୍ଚାୟତର ନୁଆଁପାଲିରେ ୭୫୦ ଓ ମକୁନ୍ଦପୁର ପଞ୍ଚାୟତ ରୁଗୁଡିପାଲିରେ ୪ଶହ ମାସ୍କ ବଣ୍ଟନ କରାଯାଇଥିଲା। ସରପଞ୍ଚ ପ୍ରମୋଦିନୀ ନାଏକ, ସମିତି ସଭ୍ୟା ବିଣାପାଣୀ ବିଶ୍ୱାଳ, ସରପଞ୍ଚ ବାଳକ ପଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ହାସ୍ୟ କଳାକାରଙ୍କ ପରଲୋକ

**ଲୋଇସିଂହା,୧୭।୫(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଦଧିବାମନ ରାମଲୀଲା ପାର୍ଟିର ବର୍ଷୀୟାନ ହାସ୍ୟ କଳାକାର ପ୍ରାଣବନ୍ଧୁ ପଧାନଙ୍କ(୭୫) ରବିବାର ପରଲୋକ ଘଟିଛି। ସ୍ୱର୍ଗତ ପଧାନ ଦୀର୍ଘବର୍ଷ ଧରି ତାଙ୍କ ଅଭିନୟରେ ଦର୍ଶକଙ୍କ ମନ ଜିତିଥିଲେ । ତାଙ୍କ ବିୟୋଗରେ ରାମଲୀଲା ପାର୍ଟିର ସଦସ୍ୟ ଓ ଗ୍ରାମବାସୀ ଶୋକ ପ୍ରକାଶ କରିଛନ୍ତି। ଏଥିପୂର୍ବରୁ ଅନୁଷ୍ଠାନର ଅନ୍ୟତମ ସଦସ୍ୟ ଭିକାରୀ ବାରିକ ଓ ରାଜୀବ ପଧାନଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଛି।

## କୋଭିଡ ଯୋଦ୍ଧାଙ୍କୁ ମାସ୍କ ପ୍ରଦାନ

**ଲୋଇସିଂହା,୧୭।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଓ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ କୋଭିଡ ଯୋଦ୍ଧାଙ୍କୁ ପଲ୍ଲୀ ଆଲୋକ ପାଠାଗାର ପକ୍ଷରୁ ମାସ୍କ ପ୍ରଦାନ କରାଯାଇଛି। କରୋନାର ଦ୍ୱିତୀୟ ଲହର ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥିବା ବେଳେ ଥାନା ଓ ଡାକ୍ତରଖାନାରେ ନିୟୋଜିତ କର୍ମଚାରୀ ଲୋକଙ୍କୁ ସେବା ଯୋଗାଇବାରେ ହେଳା କରୁନାହାନ୍ତି। ସେମାନଙ୍କୁ ଉତ୍ସାହିତ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ଥାନା ଆଇଆଇସି ଲଳିତା ଲାକ୍ରା ଓ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ପ୍ରତିମା ସେରେନ ଓ ସମସ୍ତ କର୍ମଚାରୀଙ୍କ ଲାଗି ମାସ୍କ ପ୍ରଦାନ କରାଯାଇଛି ବୋଲି ପାଠାଗାରର ରମେଶ ପଧାନ, ଗୋବିନ୍ଦ ବିଶି, ପ୍ରହ୍ଲାଦ ପଧାନ ଓ ପ୍ରଶାନ୍ତ କୁଅଁର କହିଛନ୍ତି।

# ଅନଶନରେ ସ୍ୱେଚ୍ଛାସେବୀ

**କୋଭିଡ୍ ପରିଚାଳନାରେ ଅବ୍ୟବସ୍ଥା**

- ବିଭିନ୍ନ ସଙ୍ଗଠନର ସମର୍ଥନ
- ୭ଦାବି ପୂରଣ ନେଇ ପ୍ରତିଶ୍ରୁତି
- ୯ଘଣ୍ଟା ପରେ ଅନଶନ ହଟିଲା

**ବରଗଡ଼ ଅଫିସ୍,୧୭।୫**




ଅନଶନରେ ସାମିଲ ହୋଇଥିବା ସ୍ୱେଚ୍ଛାସେବୀମାନେ ।

ବରଗଡ଼ ଜିଲାରେ କୋଭିଡ୍ ପରିଚାଳନା ଅବ୍ୟବସ୍ଥିତ ହୋଇ ପଡ଼ିଛି। ଏଭଳି ଅଭିଯୋଗ ନେଇ ସଂକଳ୍ପ ପରିବାର, ପଶ୍ଚିମ ଓଡ଼ିଶା ଯୁବାମଞ୍ଚର ସ୍ୱେଚ୍ଛାସେବୀମାନେ ସୋମବାର ସକାଳ ୭ଟାରୁ ଅନଶନ ଆରମ୍ଭ କରିଥିଲେ। ବିଭିନ୍ନ ରାଜନୈତିକ ଦଳ, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମୀ, ସଭ୍ୟମାନେ ଏହାକୁ ସମର୍ଥନ ଜଣାଇ ସେଠାରେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଉପଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ, ଡା. ସାଧୁଚରଣ ଦାଶ ପ୍ରମୁଖ ଅନଶନସ୍ଥଳକୁ ପହଞ୍ଚିଥିଲେ। ୧୦ ଦଫା ଦାବି ମଧ୍ୟରୁ ୭ଟି ଦାବିକୁ ଆସନ୍ତା ସପ୍ତାହକ ମଧ୍ୟରେ ପୂରଣ କରାଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଅନ୍ୟ ୩ଟି ଦାବି ପ୍ଲାଜମା ବ୍ୟାଙ୍କ ସ୍ଥାପନ, ଟିକାକରଣ ସରଳୀକରଣ, ଡାକ୍ତର ନିଯୁକ୍ତି ନେଇ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୪ଟାରେ ସ୍ୱେଚ୍ଛାସେବୀମାନେ ଅନଶନରୁ ଓହରିଥିଲେ। ନିଷ୍ଠା ପରିବାରର ସଭାପତି ରକ୍ଷପାଳ ସାହୁ, ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ, ବରଗଡ଼ ଓକିଲ ସଂଘ ସଭାପତି କୁଶ ପ୍ରଧାନ, ଆଡ଼ଭୋକେଟ୍ ଲିପସିତ୍ ମିଶ୍ର, ଗୋପାଳ ଶର୍ମା, ଚାଷୀନେତା ରମେଶ ମହାପାତ୍ର, ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ, ନିପନ ଦାଶ, ଆମ ଆଦମୀ ପାର୍ଟିର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ବରଗଡ଼ ସାମ୍ବାଦିକ ସଂଘ ସମ୍ପାଦକ ରବି ପଣ୍ଡା ପ୍ରମୁଖ ଅନଶନକୁ ସମର୍ଥନ କରିଥିଲେ ।



| | | | | | | |
|---|---|---|---|---|---|---|
| 16 | 8 | 2038 | 0.22 | 0.16 | ଶାରଦ-୨ | ଅଜିତ କୁମାର ବେହେରା, ପି: ଶ୍ରୀଧର ବେହେରା, ଜା: ଖଣ୍ଡାୟତ |
| 17 | 588 | 2042 | 0.30 | 0.04 | ଶାରଦ-୨ | ଶତୀନ୍ଦ୍ର ପାତ୍ର, ବାଞ୍ଛାନିଧି ପାତ୍ର, ପି: ଉପେନ୍ଦ୍ର ପାତ୍ର ଓଗେର, ଜା: ରାଜୁ |
| 18 | 693 | 2043 | 0.49 | 0.27 | ଶାରଦ-୨ | ଭଗବାନ ପାତ୍ର, ପି: ବନ୍ଧୁ ପାତ୍ର, ଜା: ରାଜୁ (ବିବି ପ୍ଲଟ) |
| 19 | 498 | 2044 | 0.56 | 0.10 | ଶାରଦ-୨ | ମୂରଲୀ ପାତ୍ର, ପି: ବୈଦ୍ୟନାଥ ପାତ୍ର, ଜା: ତେଲି |
| 20 | 33 | 1392 | 0.04 | 0.007 | ଶାରଦ-୨ | ଅଭିଳାଷ ଦଳେଇ, ରାଖାଲ ଦଳେଇ, ଅଭୟ ଦଳେଇ, ଗୁଣାଧର ଦଳେଇ, ପି: ଖଗେନ୍ଦ୍ର ଦଳେଇ ଓଗେର, ଜା: ଦଣ୍ଡଛତ୍ର ମାଝୀ |
| 21 | 691/ 72 | 1350/ 2363 | 0.35 | 0.25 | ଶାରଦ-୨ | ନିତ୍ୟାନନ୍ଦ ପାତ୍ର, ପରମାନନ୍ଦ ପାତ୍ର, ଲକ୍ଷ୍ମୀକାନ୍ତ ପାତ୍ର, ପି: ମୂରଲୀଧର ପାତ୍ର, ଜା: ଏକାଦଶ ତେଲି |
| | | 1351/ 2364 | 0.13 | 0.03 | ଶାରଦ-୨ | |
| 22 | 691/ 204 | 2038/ 2512 | | 0.03 | ଶାରଦ-୨ | ଦୁଲାଲ ଚନ୍ଦ୍ର ଘଡ଼େଇ, ପି: ମାଗୁଣୀଚରଣ ଘଡ଼େଇ, ଜା: ଖଣ୍ଡାୟତ |
| 23 | 691/9 | 1363/ 2289 | 0.18 | 0.07 | ଶାରଦ-୨ | ଫକୀରମୋହନ ଦତ୍ତ, ପି: ଜଗବନ୍ଧୁ ଦତ୍ତ, ଜା: ରାଜୁ |
| | | 1362/ 2288 | 0.10 | 0.03 | ଶାରଦ-୨ | |
| 24 | 691/ 135 | 1354 | 0.70 | 0.31 | ଶାରଦ-୨ | ଜଗନ୍ନାଥ ପିଳା, ପି: ହରେକୃଷ୍ଣ ପିଳା, ଜା: ଖଣ୍ଡାୟତ |
| 25 | 208 | 1352/ 2144 | 0.35 | 0.02 | ଶାରଦ-୨ | ଯୋଗେଶ ପ୍ରଧାନ, ପି: ଉପେନ୍ଦ୍ର ପ୍ରଧାନ, ଜା: ରାଜୁ |
| 26 | 691/ 338 | 2035/ 2681 | 0.03 | 0.03 | ଶାରଦ-୨ | ଅକ୍ଷୟକୁମାର ସାହୁ, ପି: ନୀଳକଣ୍ଠ ସାହୁ, ଜା: ରାଜୁ |
| 27 | 691/ 208 | 2037/ 2515 | 0.10 | 0.02 | ଶାରଦ-୨ | ରମେଶଚନ୍ଦ୍ର ପାତ୍ର, ପି: ମଙ୍ଗୁଳୀଚରଣ ପାତ୍ର, ଜା: ଏକାଦଶ ତେଲି |
| 28 | 61 | 2031 | 0.64 | 0.02 | ଶାରଦ-୨ | ଏକାଦଶୀ ଖିଲାର, ପି: ଫକୀର ଖିଲାର, ଜା: ଗଉଡ଼ |
| 29 | 691/ 41 | 2053 | 0.27 | 0.01 | ଶାରଦ-୨ | ଗୌରହରୀ ପାତ୍ର, ରମେଶ ପାତ୍ର, ପି: ମଙ୍ଗୁଳି ପାତ୍ର, ଜା: ଏକାଦଶ ତେଲି |
| | | | | 3.967 | | |

ସ୍ୱା./- ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ ଗୃହ) ବିଭାଜନ-୨, ବାଲେଶ୍ୱର
OIPR-34078/14/0005/2122